## ବିଦ୍ୟୁତ୍ କାର୍ଯ୍ୟାଳୟରୁ ଚୋରି ତାର ଜବତ

ଧାମନଗର,୨୫।୧୧(ଦେବେନ୍ଦ୍ର ଆଦିଆ)

ଧାମନଗର ଥାନା ଅଞ୍ଚଳରେ କବାଡ଼ିଆ ଦୋକାନ ବୃଦ୍ଧି ପାଉଥିବାରୁ ଚୋରି ସଂଖ୍ୟା ବଢ଼ି ଚାଲିଛି। ଏପରିକି ଚୋରମାନେ ବିଦ୍ୟୁତ୍ ତାର, ସାଇକେଲ, ଟ୍ୟୁବୱେଲ, ମଟର ପମ୍ପ, ବାଇକ୍ ଚୋରି କରି କବାଡ଼ିଆ ଦୋକାନରେ କମ୍ ମୂଲ୍ୟରେ ବିକ୍ରି କରି ଦେଉଛନ୍ତି। ଧାମନଗର ଛକ ନିକଟରେରେ ଥିବା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରୁ ଗତ ୩ ତାରିଖ ବିଳମ୍ବିତ ରାତିରେ କିଛି ଆଲୁମିନିୟମ ତାର ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ଧାମନଗର ଥାନା ଏଏସ୍ଆଇ ନେପାଳ ଚରଣ ସାହ ତଦନ୍ତ କରୁଥିବା ବେଳେ ରବିବାର ସନ୍ଧ୍ୟାରେ ଏନ୍ଏସି ଅଧୀନ ବାଉଁଶବାଡ଼ି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ତାଙ୍କ ନିକଟରୁ ଚୋରି ତାର ଜବତ କରାଯାଇଛି। ହବିବନଗର ଅଞ୍ଚଳରେ ଉକ୍ତ ବ୍ୟକ୍ତିଙ୍କ କବାଡ଼ିଆ ଦୋକାନ ରହିଛି। ଜବତ ତାରକୁ ଅଭିଯୋଗକାରୀ ଚିହ୍ନଟ କରିବା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# କ୍ଷତିଗ୍ରସ୍ତ ହୋଇ ମଧ୍ୟ ତାଲିକାରୁ ବାଦ୍

- ତହସିଲଦାରଙ୍କୁ ଭେଟିଲେ ୩ ଗାଁର ଚାଷୀ
- ସହାୟତା ନ ମିଳିଲେ ଅନଶନ ଚେତାବନୀ

ତିହିଡ଼ି,୨୫।୧୧(ସଞ୍ଜିତ ବଳ)



ତହସିଲ କାର୍ଯ୍ୟାଳୟ ସାମ୍ନାରେ ଅଭିଯୋଗ କରିବାକୁ ଆସିଥିବା କ୍ଷତିଗ୍ରସ୍ତ ଚାଷୀମାନେ।

ତିହିଡ଼ି ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଅଧୀନ ୩ଗ୍ରାମର ଚାଷୀ ବାତ୍ୟା କ୍ଷୟକ୍ଷତି ତାଲିକାରୁ ବାଦ୍ ପଡ଼ିଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ସୋମବାର ଅପରାହ୍ନରେ ତହସିଲଦାରଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। କ୍ଷୟକ୍ଷତିର କ୍ଷେତ୍ରୀୟ ତଦନ୍ତ କରାଯାଇ ସେମାନଙ୍କୁ ସରକାରୀ ସହାୟତା ମିଳିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ତହସିଲଦାରଙ୍କୁ ଦାବି ଜଣାଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ଗତ ବାତ୍ୟା 'ଦାନା'ରେ ପଞ୍ଚାୟତ ଅଧୀନ ଗୁଡୁପାଳ, ଆରସା ଓ ନିଙ୍ଗାଡି ଗ୍ରାମରେ ଧାନ ଚାଷ ପ୍ରଭାବିତ ହୋଇଥିଲା। ଏପରିକି ବାତ୍ୟା ପରେ ହୋଇଥିବା ବନ୍ୟାରେ ଚାଷଜମି ସବୁ ଜଳମଗ୍ନ ହୋଇ ରହିଥିଲା। ୩ ଗାଁ ଖାଲୁଆ ଅଞ୍ଚଳ ହୋଇଥିବାରୁ ଧାନ ଚାଷ ୫୦ ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷୟକ୍ଷତି ତାଲିକାରୁ ୩ ଗ୍ରାମର ଚାଷୀ ବାଦ୍ ପଡ଼ିଥିବାରୁ ସେମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମର ଗଣେଶ ପ୍ରସାଦ ନାୟକ, ପୀତାମ୍ବର ସେଠୀ, ରଘୁନାଥ ନାୟକ, ମଙ୍ଗରାଜ ନାୟକ, ମକର ସାହୁ, ଗୟାଧର ନାୟକ, କିଶୋର ସ୍ୱାଇଁ, ସତ୍ୟବ୍ରତ କୁଣ୍ଡ, ଶଶଧର ରାଉତ, ପୀତାମ୍ବର ରାଉତ, ଖଗେଶ୍ୱର ରାଉତ ପ୍ରମୁଖ ଚାଷୀ ତହସିଲଦାରଙ୍କୁ ଭେଟିଥିଲେ। ସରକାରୀ ସହାୟତା ନ ମିଳିଲେ ସେମାନେ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। କ୍ଷୟକ୍ଷତିର ରିପୋର୍ଟ ପଠାଇ ଦିଆଯାଇଛି। ପୁନର୍ବାର ଯଦି ସରକାରଙ୍କ ପକ୍ଷରୁ ତାଲିକା ପଠାଇବାକୁ ନିର୍ଦ୍ଦେଶ ଆସେ, ତେବେ ସେମାନଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ କହିଛନ୍ତି।

## ଜଗନ୍ନାଥଙ୍କ ଜମିରେ ବେଆଇନ କମ୍ୟୁନିଟି ସେଣ୍ଟର ନିର୍ମାଣ

ଧାମନଗର,୨୫।୧୧(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ଏନ୍ଏସି ଏବଂ ତହସିଲ ଅଧୀନ ରାଧାବଲ୍ଲଭପୁର ଆର୍ଆଇ ସର୍କଲ ତାଳପଦା ମୌଜାରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିରେ ବେଆଇନ ଭାବେ କମ୍ୟୁନିଟି ସେଣ୍ଟର ନିର୍ମାଣ ସହ ଜବରଦଖଲକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଏନେଇ ସେମାନେ ତହସିଲଦାର, ଜିଲାପାଳ ଓ ପୁରୀ ମନ୍ଦିର ପ୍ରଶାସକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଶାସକ ପୁରୀ ମନ୍ଦିର ପରିଚାଳନା କମିଟି ନାମରେ ଖାତା ନଂ ୭୫୪/୪୩୧ରେ ପ୍ରାୟ ୬୦ଟି ପ୍ଲଟ୍ ଯାହାକି ସାରଦ ଜଳ, ଘରବାରି, ପତିତ, ନାଳ ଓ ଜଳାଶୟ ଭଳି କିସମରେ ମୋଟ ଏ ୩୧. ୨୪ ଡିସିମିଲ ଜମି ରହିଛି। ଏନ୍ଏସି ଅଧୀନ ୱାର୍ଡ ନଂ.୨ ଗୁମୁଗଡ଼ ଛକରେ (ତାଳପଦା ମୌଜା-ଖାତା ନଂ ୭୫୪/୪୩୧ ଓ ପ୍ଲଟ୍ ନଂ.୧୧୮୨) ଉପରେ ଆର୍ଥିକବର୍ଷ ୨୦୨୩-୨୪ରେ ଏନ୍ଏସି ପକ୍ଷରୁ ଅଟକଳ ମୂଲ୍ୟ ୫ ଲକ୍ଷ ୯୫ ହଜାର ଟଙ୍କାର ବ୍ୟୟବରାଦ କରାଯାଇ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଉଛି। ଫିଜିବିଲିଟି ରିପୋର୍ଟ ନ ଥାଇ ଠିକାଦାର ଉକ୍ତ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଟକଳ ମୂଲ୍ୟ ୫ ଲକ୍ଷ ୯୫ ହଜାର ଟଙ୍କା ଫଳକରେ ଲେଖାଯାଇଥିବା ବେଳେ ପରେ କାର୍ଯ୍ୟ ଚାଲିଥିବା ସମୟରେ ଲିଭାଯାଇ ୨୦୨୪-୨୫ ବର୍ଷରେ ୭ଲକ୍ଷ ଲେଖାଯାଇଥିଲା। ପୁଣି କାର୍ଯ୍ୟ ଶେଷରେ ପୁନର୍ବାର ଉକ୍ତ ଫଳକରେ ବର୍ଷ ୨୦୨୩-୨୪ ଅଟକଳ ମୂଲ୍ୟ ୫ ଲକ୍ଷ ୯୫ ହଜାର ଲେଖାଯାଇଛି। ଗୋଟିଏ କାର୍ଯ୍ୟରେ ୩ଟି ବିଲ୍ ପାଇଁ ମସୁଧା ହେଉଥିବା ଏଥିରୁ ଜଣାପଡୁଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଛବୀନ୍ଦ୍ର ସାହୁ, ପ୍ରତିମା ରାଉତ, ନିତ୍ୟାନନ୍ଦ ରାଉତ, ବୀରେନ୍ଦ୍ର କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି।

ଏନେଇ କନିଷ୍ଠ ଯନ୍ତ୍ରୀ ସସ୍ମିତା ନାୟକ କହିଛନ୍ତି, ବିନା ଫିଜିବିଲିଟି ରିପୋର୍ଟରେ ପୂର୍ବରୁ ଜଗନ୍ନାଥଙ୍କ ଜମିରେ ସରକାରୀ ଗୃହ ହୋଇଛି। ଏହି କାର୍ଯ୍ୟ ହେଉଥିବା ଜାଗାରେ କୌଣସି ଫିଜିବିଲିଟି ରିପୋର୍ଟ ନାହିଁ କି ଏହାର ବିଲ୍ ଅଦ୍ୟାବଧି ହୋଇନାହିଁ। ଏହାର ରିପୋର୍ଟ ଆସିଲେ ତଦନ୍ତ ହେବ। ଏ ସମ୍ପର୍କରେ ଧାମନଗର ତହସିଲଦାର ଦୀପକ କୁମାର ଦାସଙ୍କୁ ପଚାରିବାରୁ ଏପରି କୌଣସି ଅଭିଯୋଗ ତାଙ୍କ ପାଖରେ ହୋଇନାହିଁ, ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗତ ୧୬ ତାରିଖରେ 'ଏକ୍ସ' ମାଧ୍ୟମରେ କହିଛନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂ ସମ୍ପତ୍ତିର ସୁରକ୍ଷା ପାଇଁ ଆମେ ବଦ୍ଧପରିକର। କୌଣସି ଜାଲିଆତି ବା ବେଆଇନ ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନକଲି ଜର୍ଦ୍ଦା ଜବତ



ଜବତ ହୋଇଥିବା ନକଲି ଜର୍ଦ୍ଦା।

ଭଦ୍ରକ,୨୫।୧୧(ସନାତନ ରାଉତ)

ଭଦ୍ରକ ଜିଲା ପୁରୁଣାବଜାର ଥାନା ପୋଲିସ ୩ଟି ଜାଗାରେ ଚଢ଼ାଉ କରି ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନକଲି ଜର୍ଦ୍ଦା ଓ ଜର୍ଦ୍ଦା ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ଏହାର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୋମବାର ପୁରୁଣାବଜାର ଥାନାଧିକାରୀ ନୀରୋଜ ସାମଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୁରୁଣାବଜାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ସାମଲ କହିଛନ୍ତି, ହେଲ୍ଲାସାହିରେ ୩ଟି ସ୍ଥାନରେ ନକଲି ଜର୍ଦ୍ଦା ତିଆରି ହେଉଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ରବିବାର ଅପରାହ୍ନରେ ସଦଳବଳ ଏକ ଟିମ୍ ୩ଟି ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ଜର୍ଦ୍ଦା ସହ ଟିଣ ଡବା, କେମିକାଲ, କାର୍ଟୁନ ଆଦି ଜବତ କରିଥିଲା। ଏନେଇ ମାମଲା (ନଂ.୩୨୯/୨୪, ୩୩୦/୨୪ ଓ ୩୩୧/୨୪) ରୁଜୁ କରାଯାଇଛି। ପୋଲିସ ପହଞ୍ଚିବା ପରେ ଜର୍ଦ୍ଦା ତିଆରିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

## ବାତ୍ୟା କ୍ଷୟକ୍ଷତି ଆକଳନ କଲା କେନ୍ଦ୍ରୀୟ ଟିମ୍

ଭଦ୍ରକ/ଚାନ୍ଦବାଲି,୨୫।୧୧
(ସନାତନ ରାଉତ/କିଷାନ ପାତ୍ର)



ଚାନ୍ଦବାଲିରେ କେନ୍ଦ୍ରୀୟ ଟିମ୍ କ୍ଷେତ୍ର ପରିଦର୍ଶନ କରୁଛି।

ଗତ ଅକ୍ଟୋବରରେ ହୋଇଥିବା ବାତ୍ୟା 'ଦାନା' ଯୋଗୁ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଥିଲା। କ୍ଷୟକ୍ଷତି ଆକଳନ ପାଇଁ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ପକ୍ଷରୁ କେନ୍ଦ୍ରୀୟ ଟିମ୍ ସୋମବାର ଭଦ୍ରକରେ ପହଞ୍ଚିଛି। ନୂଆ ସର୍କିଟ ହାଉସ୍‌ରେ ଏହି ଟିମ୍ ପହଞ୍ଚିଲା ପରେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ସେମାନଙ୍କୁ ପ୍ରଭାବିତ ଅଞ୍ଚଳ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ରୀୟ ଦଳରେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡ. ମାନ ସିଂହ ଏବଂ ଜଳଶକ୍ତି ମନ୍ତ୍ରାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ସାମଲ ଆସିଛନ୍ତି। ପରେ ସେମାନେ ଚାନ୍ଦବାଲି ବ୍ଲକ୍‌ର ଧାମରା ଅଞ୍ଚଳକୁ ଗସ୍ତ କରି ଦୋସିଙ୍ଗା ପଞ୍ଚାୟତର ଚାନ୍ଦିନୀପାଳ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳର କମ୍ୟୁନିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ଯୋଗୁ ବାଂଶଡ଼ା ପଞ୍ଚାୟତର ଚେଡ଼କ ଗାଁରେ ଘର ଭଙ୍ଗା ଜନିତ କ୍ଷୟକ୍ଷତିର ଆକଳନ କରିଥିଲେ। ସେହିପରି ଜାଗୁଳା ପଞ୍ଚାୟତର ବାଲିସାହି ଗ୍ରାମରେ ଫସଲ କ୍ଷୟକ୍ଷତି ଆକଳନ କରିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ବିଡିଓ ଅସିତ ମହାନ୍ତି, କୃଷି ଅଧିକାରିଣୀ ଲିପ୍ସା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘର ବୈଠକ

ଭଣ୍ଡାରିପୋଖରୀ,୨୫।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ରେ ଓଡ଼ିଶା ସବୁଜ ପତ୍ରିକା ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଭାନେତ୍ରୀ ରଶ୍ମିତା ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସଭାନେତ୍ରୀ ଅନୁସୂୟା ବଳ, ସମ୍ପାଦିକା ତପସ୍ୱିନୀ ପରିଡ଼ା, ବାସୁଦେବପୁରରୁ ବାସନ୍ତୀ ଘଡ଼ାଇ, ଧାମନଗରରୁ ବାସନ୍ତୀ ପରିଡ଼ା, ବନ୍ତରୁ ସସ୍ମିତା ସାହୁ, ଚାନ୍ଦବାଲିରୁ ଶଶୀ ନାୟକଙ୍କ ସମେତ ମାନସୀ ସାହୁ, ଲକ୍ଷ୍ମୀ ସାହୁ, ସବିତା ନାୟକ, ମମତା ରାଉତ, ଊର୍ମିଳା ନାୟକ ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ଦାବି ପୂରଣ ପାଇଁ ଆଲୋଚନା କରିଥିଲେ। ଆଗାମୀ ବିଧାନସଭା ଅଧିବେଶନ ସମୟରେ ସରକାରଙ୍କ ଉପରେ ଏଥିପାଇଁ ଚାପ ପ୍ରୟୋଗ କରିବାକୁ ଭୁବନେଶ୍ୱରରେ ଏକ ସମାବେଶ କରାଯିବାକୁ ନିଷ୍ପତ୍ତି ହୋଇଛି।

## ଜନଶୁଣାଣି ଶିବିରରେ ୫୬ ଅଭିଯୋଗ

ବନ୍ତ, ୨୫।୧୧ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୫୬ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ, ସରକାରୀ ଜମି ଜବରଦଖଲ ଉଚ୍ଛେଦ, ବାର୍ଦ୍ଧକ୍ୟ ଭତ୍ତା, ସରକାରୀ ସହାୟତା, ନିମ୍ନମାନର ଅଙ୍ଗନୱାଡି ଗୃହ କାର୍ଯ୍ୟ, ରାସ୍ତାଘାଟ, ମୁଖ୍ୟମନ୍ତ୍ରୀ କିଷାନ ଯୋଜନା, ପିଏମ୍ କିଷାନ ଯୋଜନାରେ ନାମ ଅନ୍ତର୍ଭୁକ୍ତ, ଟେଣ୍ଡର ପରେ ମଧ୍ୟ ଜିପିଏଲ୍ଏଫ୍ ଗୃହ ନିର୍ମାଣ କାର୍ଯ୍ୟରେ ବିଳମ୍ବ, ଗୋବିନ୍ଦପୁର ପଞ୍ଚାୟତ ଅଣ୍ଡିଆ ଗ୍ରାମରେ ସଂରକ୍ଷିତ ସ୍ଥାନରେ ଅଙ୍ଗନୱାଡି ଗୃହ ନିର୍ମାଣ ନେଇ ପ୍ରଶାସନର ପଦକ୍ଷେପକୁ ପୁନଃ ବିଚାର କରିବା ଆଦି ସମ୍ପର୍କିତ ଅଭିଯୋଗ ଥିଲା।

ଅତିରିକ୍ତ ଜିଲା ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଡେପୁଟି କଲେକ୍ଟର ତନ୍ମୟ କୁମାର ଜେନା, ବିଡିଓ ପ୍ରଦୀପ କୁମାର ସେଠୀ, ତହସିଲଦାର ସାରା ହେମ୍ବ୍ରମ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ପ୍ରକାଶଥାଉ କି, ସୋମବାର ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ନେଇ ପୂର୍ବରୁ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। ପରବର୍ତ୍ତୀ ସମୟରେ ବାତ୍ୟା 'ଦାନା' କ୍ଷୟକ୍ଷତି ଆକଳନ ନେଇ କେନ୍ଦ୍ରୀୟ ଟିମ୍ ଜିଲାକୁ ଆସୁଥିବାରୁ ଏହି ଶିବିରକୁ ବାତିଲ କରାଯାଇଥିଲା। ପରେ ପୁଣି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଶିବିର କରାଯାଇ ଅଭିଯୋଗ ସଂଗ୍ରହ କରାଯାଇଥିଲା। ଶିବିରରେ ହୋଇଥିବା ସବୁ ଅଭିଯୋଗ ଜିଲାପାଳଙ୍କ ନିକଟକୁ ପଠାଇ ଦିଆଯାଇଥିବା ବିଡିଓ କହିଛନ୍ତି।

## ରୋଗୀଙ୍କ ମା'ବାପାଙ୍କୁ ଦୁର୍ବ୍ୟବହାର



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅଭିଯୋଗପତ୍ର ଦିଆଯାଉଛି।

ଧାମନଗର,୨୫।୧୧(ସନ୍ତୋଷ କୁମାର ମହାପାତ୍ର)

ଅସୁସ୍ଥ ୨ ମାସର ଶିଶୁପୁତ୍ରକୁ ଚିକିତ୍ସା ପାଇଁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିବା ମା' ବାପାଙ୍କୁ ଜଣେ କାର୍ଯ୍ୟରତ ନର୍ସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ରଞ୍ଜିତା ନାୟକ ନାମ୍ନୀ ଷ୍ଟାଫ୍‌ନର୍ସ ସେବା ପରିବର୍ତ୍ତେ ସେମାନଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିଥିବା ନେଇ ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ମନ୍ମୟ କୁମାର ସାମନ୍ତସିଂହାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିବେ ବୋଲି ଦୁର୍ବ୍ୟବହାରର ଶିକାର ହୋଇଥିବା ଶିଶୁର ମା' ବାପା ଧାମନଗର ଏନ୍ଏସି ଅଧୀନ ହବିବନଗରର ମହମ୍ମଦ ଜମିଲ କାଦ୍ରୀ ଓ ପତ୍ନୀ ଜବିନା ଖାତୁନ କହିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି ଯେ, ଗତ ଶୁକ୍ରବାର ଶିଶୁପୁତ୍ରକୁ ନେଇ ଏହି ଡାକ୍ତରଖାନାକୁ ଆସିଥିଲେ। ଶିଶୁର ତୁରନ୍ତ ଭେନ୍ କ୍ଲାବ୍ ଆବଶ୍ୟକ ପଡ଼ିବା ନେଇ ପ୍ରଥମେ କାର୍ଯ୍ୟରତ ଷ୍ଟାଫ୍‌ନର୍ସ ନାୟକଙ୍କୁ ଲଗାଇବାକୁ କହିଥିଲେ। କିନ୍ତୁ ସେ ଡାକ୍ତରଙ୍କ ପାଖରୁ ଲିଖିତ ଆଣିବାକୁ କହିଥିଲେ। ସେହି ସମୟରେ କାର୍ଯ୍ୟରେ ଥିବା ଡା. ମାଧବ ସେଠୀ ଶିଶୁର ଅବସ୍ଥା ଦେଖି ଭେନ୍ କ୍ଲାବ୍ ଦେବାକୁ ନର୍ସଙ୍କୁ କହିଥିଲେ। ହେଲେ ନର୍ସ ଡାକ୍ତରଙ୍କ କଥା ନ ଶୁଣି ଓଲଟା ଜାତିଆଣ ମନ୍ତବ୍ୟ ସହ ଗାଳିଗୁଲଜ କରିଥିଲେ। ଏନେଇ ଷ୍ଟାଫ୍‌ନର୍ସ ରଞ୍ଜିତା କହିଛନ୍ତି, ଗତ ୧୪ ବର୍ଷ ଚାକିରି କାଳ ଭିତରେ ସେ ଏଭଳି କାର୍ଯ୍ୟ କରିନାହାନ୍ତି। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ଡା. ସାମନ୍ତସିଂହାରଙ୍କୁ ପଚାରିବାରୁ ଅଭିଯୋଗ ବାବଦରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯିବ ଏବଂ ତଦନ୍ତ ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ମୌଲା ଅଲୀଙ୍କ ବାର୍ଷିକ ସମାରୋହ



ସମାରୋହରେ ଅନୁଷ୍ଠିତ ଧର୍ମସଭା।

ଭଦ୍ରକ,୨୫।୧୧(ସନାତନ ରାଉତ)

ଭଦ୍ରକ ସହର ହଜାରୀନଗରଠାରେ 'ଗୋଲାମାନେ ଅହଲେ ବଏତ' କମିଟି ଆନୁକୂଲ୍ୟରେ ଜଶନେ-ମୌଲାଅଲୀଙ୍କ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରବିବାର ରାତିରେ ଅନୁଷ୍ଠିତ ଧର୍ମସଭାକୁ ହଜାରୀନଗର ମସ୍‌ଜିଦ୍‌ର ଖତିବେ ଇମାମ କାରୀ ଅବଦୁଲ ଜବ୍ବାର କୁରାନ୍ ତିଲାୱତରୁ ଆରମ୍ଭ କରିଥିଲେ। ହାଇଦ୍ରାବାଦର ସେକ ଫସିଉଦ୍ଦିନ ଚିସ୍ତି ସଞ୍ଚାଳନ କରିଥିବା ବେଳେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ମୌଲାନା ଶହେଜାଦା-ଏ-ଗୌସୁଲ ଆଜମ ପୀର ସୈୟଦ ଆଲେ ମୁସ୍ତାଫା କାଦରୀ (ହାଇଦ୍ରାବାଦ), ସାଏର ହମ୍ମାଦ ବ୍ରଦର୍ସ (ହାଇଦ୍ରାବାଦ), ସାଏର ଅବ୍ବାସ ରଜା ନୁରୀ (କୋଲକାତା) ପ୍ରମୁଖ ଯୋଗଦେଇ ମୌଲା ଅଲୀଙ୍କ ଜୀବନୀ ଓ ନୀତିବାଣୀ ଉପରେ କହିଥିଲେ। ଅତିଥି ଭାବେ ଭଦ୍ରକ ପୌରପାଳିକାର ପାରିଷଦ ହେମନ୍ତ ସାହୁ ଏବଂ ହାଜୀ ସଲିମ ଖାନ୍ ଯୋଗ ଦେଇଥିଲେ। ଗୋଲାମାନେ ଅହଲେ ବଏତ କମିଟିର ସଭାପତି ଇବରାର ଖାନ, ସମ୍ପାଦକ ସମସେର ଅଲି ଖାନ, ସହସମ୍ପାଦକ ଅବଦୁଲ ହଲିମ ଖାନ, ଶେଖ ରିଆଜ ଆଲାମ, ସମସୁଦ୍ଦିନ ଖାନ, ଅହେସାନ ଖାନ, ଜମାଲ ଖାନ, କଲିମ ଖାନ ଧର୍ମସଭା ପରିଚାଳନା କରିଥିଲେ।

## ପୌରପାଳିକାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା: ମନ୍ତ୍ରୀ

### ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବାସୁଦେବପୁର,୨୫।୧୧(ନାରାୟଣ ପ୍ରସାଦ ବାରିକ୍)



ସମାରୋହରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ଅଶୋକ କୁମାର ଦାସ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

ପୌରପାଳିକାର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ବାସୁଦେବପୁର ପୌରପାଳିକାର ୫୦ବର୍ଷ ପୂର୍ତ୍ତି ଅବସରରେ ରବିବାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଆୟୋଜିତ ସାଧାରଣ ସଭାକୁ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ବର୍ତ୍ତମାନ ରାଜ୍ୟରେ ଭାଜପା ନେତୃତ୍ୱାଧୀନ ସରକାର ବିକାଶ ଉପରେ ବିଶ୍ୱାସ କରନ୍ତି। ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମିର ବିକାଶ, ଡ୍ରେନେଜ ବ୍ୟବସ୍ଥାର ସମାଧାନ, ସହରାଞ୍ଚଳରେ ଗୋ ସୁରକ୍ଷା ଓ ଦୁର୍ଘଟଣା ଏଡ଼ାଇବାକୁ ଗୋଶାଳା ନିର୍ମାଣ, ଏନ୍ଏସି, ପୌରପାଳିକା କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଏ ସମସ୍ତ କାର୍ଯ୍ୟର ସମାଧାନ ପାଇଁ ଜନସାଧାରଣ, ପୌର କର୍ମଚାରୀ ଓ ନିର୍ବାଚିତ ପ୍ରତିନିଧିଙ୍କ ସହଯୋଗ ଆବଶ୍ୟକ।

ସମ୍ମାନିତ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ପୌରପାଳିକାର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହରାଞ୍ଚଳରେ ଥିବା ଶବ ବ୍ୟବଚ୍ଛେଦ କାର୍ଯ୍ୟ ଚାଲୁ ନ ରହିବା, ଶ୍ମଶାନ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେବା, ପୌରପାଳିକାର ଡ୍ରେନେଜ ବ୍ୟବସ୍ଥାକୁ ଠିକ୍‌ଠାକ୍ ନ କରିବା, ପୌର କର୍ମଚାରୀଙ୍କ ଖାଲି ପଡ଼ିଥିବା ପଦବୀକୁ ପୂରଣ କରାଯାଉ ନ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ପୌରପାଳିକା ୫୦ବର୍ଷ ପୂର୍ତ୍ତି ପାଳନ କରିବା ଏକ ଗୌରବମୟ କଥା ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଭାବେ ଜିଲାପାଳ ଦିଲୀପ କୁମାର ରାଉତରାଏ ବାସୁଦେବପୁର ପୌରପାଳିକା କିପରି ସଫଳତାର ଶୀର୍ଷକୁ ଯାଇପାରିବ, ସେ ଦିଗରେ ସମସ୍ତେ ସଜାଗ ରହି ସମସ୍ତଙ୍କ ସହଯୋଗ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପୌରାଧକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ମନ୍ତ୍ରୀ, ବିଧାୟକ ଓ ଜିଲାପାଳ ନବନିର୍ମିତ ପୌରପାଳିକା କାର୍ଯ୍ୟାଳୟ ଗୃହକୁ ଉଦ୍‌ଘାଟନ କରିଥିଲେ।

## ପ୍ରଚାର, ପ୍ରସାର ଅଭାବ: ମେଳାକୁ ଆସିଲେନି ଚାଷୀ

ଭଦ୍ରକ,୨୫।୧୧(ସନାତନ ରାଉତ)

### ସରିଲା ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀସମ୍ପଦ ମେଳା



ସଭାସ୍ଥଳରେ ଚେୟାର ଖାଲି ପଡ଼ିଛି।

ଭଦ୍ରକ କଲେଜ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ହେଲେ ପ୍ରଚାର ପ୍ରସାର ଅଭାବରୁ ଚାଷୀମାନେ ମେଳାକୁ ଆସି ନ ଥିବା ଦେଖିବାକୁ ମିଳିଛି। ଏପରିକି ମେଳାରେ ପଡ଼ିଥିବା ଷ୍ଟଲ୍‌ରେ ପ୍ରକଳ୍ପଗୁଡ଼ିକ ଉଦ୍‌ଯାପନୀ ଦିବସର ମଧ୍ୟାହ୍ନ ଭୋଜନ ପରେ ଖାଲି ହୋଇଯାଇଥିଲା। ପୂରା ସଭାସ୍ଥଳ ଖାଲି ପଡ଼ିଥିଲା। ଠିକ୍ ଭାବେ ପ୍ରଚାର, ପ୍ରସାର ହୋଇ ନ ଥିବାରୁ ଚାଷୀମାନଙ୍କ ସଚେତନତା ଉଦ୍ଦେଶ୍ୟରେ ହୋଇଥିବା ମେଳାକୁ ଚାଷୀମାନେ ଆସିପାରି ନାହାନ୍ତି। ମେଳା ଆୟୋଜନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏହାର ଉଦ୍ଦେଶ୍ୟ ସାଧନ ହୋଇପାରି ନାହିଁ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି।

ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶୀଲ କୁମାର ଧଳ, କୁକୁଡ଼ା ବିଶେଷଜ୍ଞ ଡା. ରୁଦ୍ରନାରାୟଣ ପ୍ରଧାନ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁନୀଲ କୁମାର ଭୂୟାଁ, ଚାନ୍ଦବାଲିର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ସତ୍ୟଜିତ୍ ସାହୁ, ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକାର ଜେନା, ଅବସରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଭବାନୀ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୪ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ**

ବାଲେଶ୍ୱର,(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଖାନନଗରସ୍ଥିତ ଉମା କଲେଜ ସମ୍ମୁଖରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଜଣ ସାଙ୍ଗ ଏକ ବାଇକରେ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଆଣିବାକୁ ଯାଉଥିବା ସମୟରେ ଛକପଟ୍ଟ ଏକ ଟାଟା ମ୍ୟାଜିକ୍ ଭ୍ୟାନ୍ ଧକ୍କା ଦେବାରୁ ଜଣେ ବିଟେକ୍ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରେମୁଣା ବ୍ଲକ ନୁଆସାହି ବାଲିଆ ଅଞ୍ଚଳର ମନୋଜ ରାଜଙ୍କ ପୁତ୍ର ଶୁଭମ (୨୨)। ଅନ୍ୟ ଜଣେ ଛାତ୍ର ଭଦ୍ରକ ଜିଲା ଗଣିଜାଙ୍ଗ ଅଞ୍ଚଳର ଦିବ୍ୟ ରଞ୍ଜନ ପଣ୍ଡା ଗୁରୁତର ହୋଇଛନ୍ତି।

**ବାଲେଶ୍ୱର**

# 'ଦାନା' କ୍ଷୟକ୍ଷତିର ସମୀକ୍ଷା କଲା କେନ୍ଦ୍ରୀୟ ଟିମ୍

## ପରିଦର୍ଶନ କଲେ ୩ ବ୍ଲକର ୪ ପଞ୍ଚାୟତ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ସୋର,(ଜନ୍ମେଜୟ ମିଶ୍ର),୨୫।୧୧


କେନ୍ଦ୍ରୀୟ ଟିମ୍ 'ଦାନା' ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛି।

ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ସୋମବାର ବାଲେଶ୍ୱର ଜିଲାକୁ ଦିନିକିଆ ଗସ୍ତରେ ଆସିଥିଲା। ବାତ୍ୟା 'ଦାନା'ରେ ବିଶେଷ ଭାବେ ପ୍ରଭାବିତ ସଦର ବ୍ଲକର ବର୍ଦ୍ଧନପୁର, ସୋର ବ୍ଲକର ସୁନାରି ଓ ସିମୁଳିଆ ବ୍ଲକର କ୍ଷୀରକୋଣା ଓ ମାର୍କୋଣା ପଞ୍ଚାୟତ ପରିଦର୍ଶନ କରିଥିଲା। ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ପିକେ ରାୟଙ୍କ ନେତୃତ୍ୱରେ ୪ ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲା। କ୍ଷୟକ୍ଷତିର ପରିମାଣ ଏବଂ ଆବଶ୍ୟକ ଥଇଥାନ ପଦକ୍ଷେପର ମୂଲ୍ୟାଙ୍କନ କରିବା ପାଇଁ ପ୍ରଭାବିତ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ଏହି ଟିମ୍‌ରେ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ଉପନିର୍ଦ୍ଦେଶକ ମହେଶ କୁମାର, ଗ୍ରାମୀଣ ବିକାଶ ମନ୍ତ୍ରାଳୟର ଅତିରିକ୍ତ ନିର୍ଦ୍ଦେଶକ ବାଲାଜୀ କେଏମ୍ ଏବଂ ଓଡ଼ିଶା ସରକାରଙ୍କ ପାନୀୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ଉପସ୍ଥିତ ଥିଲେ।

ସଡ଼କ, ବିଦ୍ୟୁତ୍ ଯୋଗାଣ, ରିଲିଫ ବଣ୍ଟନ ଏବଂ ଘର କ୍ଷୟକ୍ଷତି ସମେତ ଭିତ୍ତିଭୂମିର କ୍ଷତି ବିଷୟରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହିତ ସମୀକ୍ଷା କରାଯାଇଥିଲା। ଏହି ଟିମ୍ ବିଶେଷକରି ପ୍ରଭାବିତ କୃଷି ଜମି ଓ ଫସଲ ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହ ଆବାସିକ ସମ୍ପତ୍ତିର କ୍ଷୟକ୍ଷତି ଓ ବାସିନ୍ଦାଙ୍କ ବିସ୍ଥାପନ ବିଷୟରେ ପଚାରି ବୁଝିଥିଲା। ବାତ୍ୟା ପରବର୍ତ୍ତୀ ସମୟରେ ଅତ୍ୟାବଶ୍ୟକ ସେବା ଓ ରିଲିଫ୍ ବଣ୍ଟନର ସ୍ଥିତି ସହିତ ପ୍ରାଣୀଧନର କ୍ଷତି ଓ ମତ୍ସ୍ୟଚାଷଜନିତ ପ୍ରଭାବ ଉପରେ ଗୁରୁତ୍ୱ ଦେଇଥିଲା। ଏହି ଗସ୍ତ ସମୟରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲା ଜରୁରିକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ଡେପୁଟି କଲେକ୍ଟର ଅମ୍ଳାନ ନାୟକ, ସୋର ତହସିଲଦାର ସେକ୍ ସାଗିର, ବିଡିଓ ସତ୍ୟନାଥ ନାୟକ, ସୋର ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଏବଂ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ପୁଣି ଥରେ ଖଇରାକୁ ଉପେକ୍ଷା

ଖଇରା,୨୫।୧୧(ଉତ୍କଳବନ୍ଧୁ ପଣ୍ଡା)- ବାତ୍ୟା 'ଦାନା' ବାଲେଶ୍ୱର ଜିଲା ଖଇରା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ହେଲେ କ୍ଷତିକ୍ଷତି ଆକଳନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ଖଇରା ନ ଆସି କେବଳ ସିମୁଳିଆ ଓ ସୋରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଫେରିଯାଇଛନ୍ତି। ଏହି ଘଟଣାରେ ପୁଣି ଥରେ ଖଇରାବାସୀଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ ବାତ୍ୟା ସମୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କେବଳ ସିମୁଳିଆ ଓ ଔପଦାର ବନ୍ୟା ପରିସ୍ଥିତି ପରିଦର୍ଶନ କରି ଫେରିଯିବା ପରେ ଖଇରାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଏବେ କେନ୍ଦ୍ରୀୟ ଟିମ୍ ଖଇରା ବ୍ଲକର କଇଥଗଡ଼ିଆ ପଞ୍ଚାୟତକୁ ଆସିବା ନେଇ ଲିଖିତ ଭାବେ ଜଣାଇବା ପରେ ସନ୍ଧ୍ୟାରେ ହଠାତ ଗସ୍ତ କାର୍ଯ୍ୟକ୍ରମ ବାତିଲ କରିବା ଖଇରାବାସୀଙ୍କୁ ନିରାଶ କରିଛି। ବ୍ଲକ ପ୍ରଶାସନ ଓ ସ୍ଥାନୀୟ ଲୋକେ ସକାଳଠାରୁ ଅପେକ୍ଷା କରି ରହିଥିଲେ। ହେଲେ ଶେଷ ସମୟରେ କେନ୍ଦ୍ରୀୟ ଟିମ୍‌ର ଗସ୍ତ ବାତିଲ ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି କଇଥଗଡ଼ିଆ ସମିତିସଭ୍ୟ ନରୋତ୍ତମ ମହିମା ଜେନା କହିଛନ୍ତି। କେବଳ କେନ୍ଦ୍ରୀୟ ଟିମ୍ ଗସ୍ତ କ୍ଷେତ୍ରରେ ନୁହେଁ ପ୍ରତ୍ୟେକ କ୍ଷେତ୍ରରେ ଖଇରାକୁ ଉପେକ୍ଷା କରାଯାଇ ଆସୁଛି ବୋଲି ବିଶିଷ୍ଟ ବାମପନ୍ଥୀ ନେତା ଜଗତାନନ୍ଦ ମହାପାତ୍ର କହିଛନ୍ତି।

## 'ସିମୁଳିଆରେ କୃଷିର ବିକାଶର ବିନ୍ଧାଣୀ ଥିଲେ ହରେକୃଷ୍ଣ'


ଅତିଥିମାନେ ସାହିତ୍ୟ ପତ୍ରିକା ନମସ୍ୟ ଉନ୍ମୋଚନ କରୁଛନ୍ତି।

ସିମୁଳିଆ,୨୫।୧୧(ସନ୍ତୋଷ ନାୟକ)

**ମହତାବ ମହୋତ୍ସବ-୨୦୨୪**

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ପାଇଁ ସିମୁଳିଆ ଅଞ୍ଚଳରେ କୃଷିର ବିକାଶ ସମ୍ଭବ ହୋଇ ପାରିଛି। ତାଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁ ସାଳନ୍ଦୀ କେନାଲ ନିର୍ମାଣ ହୋଇଥିବା ବେଳେ ଏଥିରୁ ବ୍ଲକର ପ୍ରାୟ ସହସ୍ରାଧିକ ଚାଷୀ ଉପକୃତ ହେଉଛନ୍ତି ବୋଲି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ମହତାବ ମଣ୍ଡପରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହାତାବଙ୍କ ୧୨୨ତମ ଜୟନ୍ତୀ ଉତ୍ସବରେ ମତପ୍ରକାଶ ପାଇଥିଲା।

ମହତାବ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଅତିଥି ଭାବେ ସିମୁଳିଆର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋକୁଳାନନ୍ଦ ମିଶ୍ର ଯୋଗ ଦେଇଥିଲେ।ଅପରାହ୍ନରେ ସଭାପତି ସାଧୁଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ମିଶ୍ର ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ସାହିତ୍ୟ ପତ୍ରିକା 'ନମସ୍ୟ' ଉନ୍ମୋଚିତ ହୋଇଥିଲା। ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ ବିନୋଦ ବିହାରୀ ମହାନ୍ତିଙ୍କୁ ସିମୁଳିଆ ସୌରଭ ସମ୍ମାନ, ନିର୍ମଳ କୁମାର ପଣ୍ଡାଙ୍କୁ ଶିକ୍ଷକ ରତ୍ନ ବଙ୍କିମ ଚନ୍ଦ୍ର ମହାରଣା ସ୍ମୃତି ସମ୍ମାନ, ସାରସ୍ୱତ ସାଧିକା ବିଶ୍ୱମୈତ୍ରୀ ନାୟକଙ୍କୁ ଜମ୍ବୁବତୀ ରତ୍ନଶ୍ରୀ ସମ୍ମାନ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ରଙ୍କୁ ଶିକ୍ଷକ ଗୌରବ ସଂଯୁକ୍ତା ମହାପାତ୍ର ସ୍ମୃତି ସମ୍ମାନ, ଇଞ୍ଜିନିୟରିଂ ଛାତ୍ର ଭକ୍ତି ଚରଣ ବେହେରାଙ୍କୁ ମହତାବ ମେଧା ବୃତ୍ତି ଓ ଗତ ମାଟ୍ରିକ ପରୀକ୍ଷାର ସର୍ବୋଚ୍ଚ ନମ୍ବର ରଖିଥିବା ସୁଶ୍ରୀ ମୌସୁମୀ ମହାପାତ୍ରଙ୍କୁ ଅସୁମାରୀ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ କୃତ୍ତିବାସ ପଣ୍ଡା ବାର୍ଷିକ ବିବରଣୀ ପାଠ, ଶିକ୍ଷକ ଚିତ୍ତ ରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ଶିକ୍ଷକ ପଦ୍ମଲୋଚନ ଦାଶ ଧନ୍ୟବାଦ ଦେଇଥିଲେ।

# ଡମ୍ଫର ଧକ୍କାରେ ବ୍ୟବସାୟୀ ମୃତ

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ଖଇରା,୨୫।୧୧(ଉତ୍କଳବନ୍ଧୁ ପଣ୍ଡା): ରାଣିତାଳ-କୁପାରୀ ରାସ୍ତାର ଖଇରା ବ୍ଲକ ସିମୁଳିଆ ଥାନା ଥାନା ଅଧୀନ ଜଳଙ୍ଗ ଛକ ନିକଟରେ ଏକ ଚିପ୍ସ ବୋଝେଇ ଡମ୍ଫର ଧକ୍କାରେ ସ୍କୁଟିରେ ଯାଉଥିବା ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଇରା ବ୍ଲକ ବଡ଼ଜୟୀପୁର ପଞ୍ଚାୟତ ଅଧୀନ ତେନ୍ତୁଳିଆ ଗ୍ରାମର ଅନନ୍ତ କୁମାର ବେହେରା(୬୦)। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ମୃତ ବ୍ୟବସାୟୀଙ୍କ ପରିବାର ଓ ଗ୍ରାମବାସୀ ରାସ୍ତା ଅବରୋଧ କରିବା ସହ ଧାରଣାରେ ବସି ରହିଥିଲେ। ଅନନ୍ତ ବ୍ୟାଟେରି ଚାଳିତ ସ୍କୁଟିରେ ଭଦ୍ରକସ୍ଥିତ ନିଜ ଦୋକାନକୁ ଯାଉଥିବା ବେଳେ କୁପାରୀ ଆଡୁ ଚିପ୍ସ ବୋଝେଇ କରି ଆସୁଥିବା ଏକ ଡମ୍ଫର ତାଙ୍କ ପଛରୁ ଧକ୍କା ଦେଇଥିଲା। ଖଇରା ତହସିଲଦାର ଜିତେନ୍ଦ୍ର ମୁର୍ମୁ ଓ ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



# ଏଫ୍‌ଏମ୍‌ୟୁର ଅଭିନବ ଅଭିଯାନ 'ସମ୍ବେଦନା'

ବାଲେଶ୍ୱର,୨୫।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜସେବା ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମାଜିକ ସମ୍ପର୍କ ସ୍ଥାପନ ନିମିତ୍ତ ତଥା ଜନହିତକର କାର୍ଯ୍ୟକ୍ରମ 'ସମ୍ବେଦନା' ଅନୁଷ୍ଠିତ ହୋଇଯାଇଛି। ମାନବତା ସେବାରେ ଏକ ଭିନ୍ନ ପଦକ୍ଷେପ ଏବଂ ସମ୍ପର୍କ ସୃଷ୍ଟି ପାଇଁ ଅଧ୍ୟୟନ ଓ ଅନୁଭବର ଯାତ୍ରା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ସମାଜସେବା ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସମାଜସେବା ବିଭାଗର ଛାତ୍ରୀଛାତ୍ର ବାଲେଶ୍ୱରସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟ ଗସ୍ତ କରି ସେଠାକାର ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ଶ, ଶିକ୍ଷୟିତ୍ରୀଶିକ୍ଷକ ତଥା କର୍ମଚାରୀଙ୍କ ସହ ଆଲୋଚନା କରି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କଳାକୃତି ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଆଦି ବିଭିନ୍ନ ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ସେହିପରି ବୃଦ୍ଧାଶ୍ରମ 'ଅମୃତଧାରା' ପରିଦର୍ଶନ କରି ନିର୍ଦ୍ଦେଶକ ଡ. ସରୋଜ କୁମାର ମହାପାତ୍ରଙ୍କ ସହ ଅନ୍ତେବାସୀଙ୍କ ସମ୍ବନ୍ଧରେ ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାସୁଯୋଗ ବିଷୟରେ ଆଲୋଚନା କରିଥିଲେ।



ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ଗହଣରେ ଏଫ୍‌ଏମ୍‌ୟୁର ଛାତ୍ରୀଛାତ୍ର।

# ମୋବାଇଲ ଲୁଟ ବେଳେ ଲୁଟେରାଙ୍କ ଜୀବନ ଗଲା

ସୋର,୨୫।୧୧(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଦହିସଡ଼ାଠାରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ସ୍କୁଟିରେ ଯାଉଥିବା ମା' ଓ ପୁଅଙ୍କଠାରୁ ମୋବାଇଲ ଛଡ଼ାଇ ନେଇ ଦ୍ରୁତଗତିରେ ବାଇକ୍ ଚଳାଇ ପଳାଇ ଯାଉଥିବା ବେଳେ ଦୁର୍ଘଟଣାରେ ଜଣେ ଲୁଟେରାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାହାନଗା ବ୍ଲକ ଗୋପାଳପୁର ଥାନା ଅଧୀନ ମଦନାପୁର ଗ୍ରାମର ପ୍ରଦୀପ ମଳିକ (କହ୍ନେଇ)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଜିଡ଼ତାଳ ଗ୍ରାମର ଅନିତା ନାୟକ ତାଙ୍କ ପୁଅ ସହ ଏକ ସ୍କୁଟିରେ ଘରକୁ ଯାଉଥିଲେ। ଏହି ସମୟରେ ପ୍ରଦୀପ ତାଙ୍କର ପିଛା କରି ମୋବାଇଲ ଝାମ୍ପି ନେଇ ପଳାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବରପାଇ ସୋର ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତାଙ୍କଠାରୁ ମୋବାଇଲ ଜବତ କରିଥିବା କହିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୭୯/୨୪) ରୁଜୁ ହୋଇଛି।

# ସଭାସ୍ଥଳ ପରିଦର୍ଶନ କଲେ ଡିଆର୍‌ଏମ୍

ବାଙ୍ଗିରିପୋଷି,୨୫।୧୧(ସଞ୍ଜୟ କୁମାର ଅଗ୍ରୱାଲା)

## ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବାଙ୍ଗିରିପୋଷି ଚଳଚଞ୍ଚଳ

ମୟୂରଭଞ୍ଜ ମାଟିର ଝିଅ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଡିସେମ୍ବର ୭ ତାରିଖ ଦିନ ବାଙ୍ଗିରିପୋଷି ଗସ୍ତ ରହିଛି। ଏ ନେଇ ବାଙ୍ଗିରିପୋଷୀ ଚଳଚଞ୍ଚଳ ହୋଇଥିବା ବେଳେ ପ୍ରଶାସନ ଓ ରେଳ ବିଭାଗ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ସୋମବାର ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଦକ୍ଷିଣ ପୂର୍ବ ରେଳପଥ ଖଡଗପୁରର ଡିଆରଏମ ପ୍ରେମାନନ୍ଦ ଶର୍ମାଙ୍କ ସହିତ ୫୦ ଜଣିଆ ଟିମ ରେଳ ଷ୍ଟେଶନ ଓ ରାଷ୍ଟ୍ରପତିଙ୍କ ସଭାସ୍ଥଳ ପଡ଼ିଆ ପରିଦର୍ଶନ କରିଛନ୍ତି। ଡିଆରଏମ ଶର୍ମା କହିଛନ୍ତି, ରାଷ୍ଟ୍ରପତି ସ୍ୱତନ୍ତ୍ର ବାୟୁସେନା ହେଲିକପ୍ଟର ଯୋଗେ ବାଙ୍ଗିରିପୋଷି ଗସ୍ତରେ ଆସିବେ। ଗସ୍ତ ସମୟରେ ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷି-ଗୋରୁମହିଷାଣୀ, ବାଦାମପାହାଡ଼-କେନ୍ଦୁଝରର ନୂତନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିସହ ବାଙ୍ଗିରିପୋଷିଠାରୁ ଆଭାସୀ ମାଧ୍ୟମରେ ରାଇରଙ୍ଗପୁରସ୍ଥିତ ଟ୍ରାଇବାଲ ରିସର୍ଚ୍ଚ ଡେଭ୍‌ଲପମେଣ୍ଟ ସେଣ୍ଟର୍, ଦାଣ୍ଡ ବୋଷ ଏୟାର ଷ୍ଟ୍ରିପ୍‌ର ଉନ୍ନତିକରଣ, ରାଇରଙ୍ଗପୁର ହସ୍ପିଟାଲର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ପରିଦର୍ଶନ ପରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଡିଆରଏମ ସହ ୫୦ ଜଣିଆ ପ୍ରତିନିଧି ଦଳ ଖଡ଼ଗପୁର ଫେରି ଯାଇଛନ୍ତି। ପୂର୍ବରୁ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଓ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲି ମଧ ସଭାସ୍ଥଳ ପରିଦର୍ଶନ କରି ସାରିଛନ୍ତି।

# ବିପର୍ଯ୍ୟୟ ସଚେତନତା କର୍ମଶାଳା

ବୈଶିଙ୍ଗା,୨୫।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟରେ ଜିଲା ପ୍ରଶାସନ ଓ ଏନଡିଆର୍‌ଏଫର ମିଳିତ ଆନୁକୂଲ୍ୟରେ ବିପର୍ଯ୍ୟୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। +୩ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମମତା ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିରୂପେ ବେତନଟୀ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଗନ ବିହାରୀ ବେହେରା, ସ୍ୱତନ୍ତ୍ର ଅତିଥିଭାବେ ଏନ୍‌ଡିଆର୍‌ଏଫ ସବ ଇନ୍ସପେକ୍ଟର ବାହାଦୁର ସିଂ, ମୁଖ୍ୟ ବକ୍ତାଭାବେ ଜିଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, ସମ୍ମାନୀୟ ଅତିଥିରୂପେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଫୋର୍ଡ'ର ସମ୍ପାଦକ ସନ୍ତୋଷ ଖଣ୍ଡା ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ ନିଜକୁ ସୁରକ୍ଷିତ ରଖିବା ସହ ଜନସାଧାରଣଙ୍କୁ କିପରି ସୁରକ୍ଷିତ ଭାବେ ରକ୍ଷା କରିପାରିବା ସେ ଦିଗରେ ପରାମର୍ଶ ଦେଇଥିଲେ। ଏଥିସହ ପରିବେଶର ସନ୍ତୁଳନ ପାଇଁ ବର୍ଜ୍ୟବସ୍ତୁକୁ ସୁବିନିଯୋଗ କରିବା ସହିତ ନିଜ ପରିବାରର ବିଭିନ୍ନ ଶୁଭ କାର୍ଯ୍ୟରେ ଗୋଟିଏ ଲେଖାଏ ଚାରାରୋପଣ କରିବା ପାଇଁ ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଏନଡିଆର୍‌ଏଫ ଟିମ୍‌ର ସଦସ୍ୟମାନେ ଆଶୁ ଚିକିତ୍ସା, ବନ୍ୟା, ବାତ୍ୟା, ଭୂମିକମ୍ପ, ସର୍ପାଘାତ ଓ ଅଗ୍ନିକାଣ୍ଡ ଆଦି ବିଷୟରେ ସଚେତନ କରାଇ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରିଥିଲେ। +୨, +୩ ମହାବିଦ୍ୟାଳୟର ଛାତ୍ରୀଛାତ୍ର କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପର୍ଶୁରାମ ଦାଶ ବିପର୍ଯ୍ୟୟ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରାଇ ଏନ୍‌ଡିଆର୍‌ଏଫ୍ ଟିମ୍‌ର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

# ଗଡ଼ିଲା କୃଷକ ସଚେତନତା ରଥ

ଉଦଳା,୨୫।୧୧(ସନ୍ତୋଷ କୁମାର ବାଜ୍ଜିନୀ)

ଚଳିତ ବର୍ଷ ଖରିଫ ଧାନ କିଣାଯିବା ପାଇଁ ସୂଚନା ପ୍ରଦାନ କରାଯିବା ଉଦ୍ଦେଶ୍ୟରେ ସୋମବାର ଉଦଳାଠାରେ କୃଷକ ସଚେତନତା ରଥ ଗଡ଼ିଛି। ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କ ସମେତ ଜିଲା ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ ସୁଶାନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆସନ୍ତା ଡିସେମ୍ବର ୨୪ରୁ ଜିଲାରେ ଚାଷୀଙ୍କ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବ। ତେଣୁ ଚାଷୀମାନେ ଏଫଏକ୍ୟୁ ମାନର ଧାନ ଆଣି ଲ୍ୟାମ୍ପସ୍ ଦ୍ୱାରା ଖୋଲାଯାଇଥିବା ମଣ୍ଡିରେ ପ୍ରଦାନ କରିପାରିବେ। ଏହା ସହିତ ଧାନର ମାନ ଉନ୍ନତ ମାନର ରଖିବା ସହିତ ଧାନ କିପରି ଅଗାଡି ମୁକ୍ତ କରି ଆଣି ମଣ୍ଡିରେ ଦେଇ ସରକାରଙ୍କ ତରଫରୁ ଧାର୍ଯ୍ୟ ଉପଯୁକ୍ତ ମୂଲ୍ୟ ପାଇପାରିବେ ସେ ନେଇ ଏହି ରଥ ଜରିଆରେ ଚାଷୀମାନଙ୍କୁ ସୂଚନା ଦିଆଯାଉଛି। ପ୍ରତି ପଞ୍ଚାୟତରେ ଏହି ସଚେତନତା ରଥ ପରିକ୍ରମା କରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ପାଣି ପାଇଁ ପଞ୍ଚାୟତ ଅଫିସ ଆଗରେ ବିକ୍ଷୋଭ

ବାଲିଆପାଳ,୨୫।୧୧(ଅମୂଲ୍ୟ କୁମାର ଦାସ)

ସରକାର ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପିଇବା ପାଣି ଯୋଗାଇବା ପାଇଁ ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରିଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଠିକାଦାର ମନମୁଖି କାର୍ଯ୍ୟ କରୁଛନ୍ତି। ଫଳରେ ଲୋକେ ପିଇବା ପାଣି ପାଇଁ ଅସୁବିଧାରେ ସମ୍ମୁଖୀନ ହେବା ସହ ଜନଅସନ୍ତୋଷ ଦେଖା ଦେଉଛି। ପାଣି ନ ପାଇ ଗରା, ବାଲ୍‌ଟି ଧରି ଗ୍ରାମବାସୀ ବିକ୍ଷୋଭ କରୁଥିବା ଦେଖିବାକୁ ମିଳୁଛି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର ସନ୍ତୋଷପୁର ଗ୍ରାମରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣ ହୋଇଛି। ନିର୍ମାଣକୁ ବର୍ଷେ ବିତି ଗଲାଣି ହେଲେ ପାଇପ୍ ସଂଯୋଗ ହେଉ ନ ଥିବାରୁ ଲୋକେ ପାଣି ପାଇ ପାରୁ ନାହାନ୍ତି। ଏହାର ପ୍ରତିବାଦରେ ମହିଳାଙ୍କ ସମେତ ଗ୍ରାମବାସୀ ଗରା, ବାଲ୍‌ଟି ଧରି ପଞ୍ଚାୟତ ଅଫିସ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏହି ପାଣି ଟାଙ୍କି ଉପରେ ପଞ୍ଚାୟତର ଦଳେଇ ସାହି, ପାତ୍ର ସାହି, ଜେନା ସାହି, ଆଦିବାସୀ ସାହି ସମେତ ସନ୍ତୋଷପୁର ଗ୍ରାମର ୨ ହଜାରରୁ ଅଧିକ ଲୋକ ନିର୍ଭର କରୁଛନ୍ତି। ଗୋଟିଏ ସ୍କୁଲ ଓ ୪ଟି ଅଙ୍ଗନୱାଡ଼ିକୁ ଏଠାରୁ ପାଣି ଯୋଗାଇବା ପାଇଁ ମଧ ବ୍ୟବସ୍ଥା କରାଯାଇଛି। ମାତ୍ର ବର୍ଷେ ପୂର୍ବରୁ ଟାଙ୍କି ନିର୍ମାଣ ସରିଥିଲେ ହେଁ ଅଦ୍ୟାବଧି ପାଇପ ସଂଯୋଗ କରାଯାଇନାହିଁ। ଗ୍ରାମରେ ପୂର୍ବରୁ ସ୍ୱଜଳ ଧାରା ଯୋଜନାରେ ପିଇବା ପାଣିର ବ୍ୟବସ୍ଥା କରା ଯାଇଥିଲା। ମାତ୍ର ଦୀର୍ଘ ଦିନ ଧରି ମରାମତି କରା ଯାଉ ନ ଥିବାରୁ ପାଇପ୍ ଜାମ୍ ହୋଇ ଗୋଳିଆ ପାଣି ବାହାରୁଛି। ୬ଟି ନଳକୂପ ରହିଥିଲେ ମଧ ଭୂତଳ ଜଳ ନିମ୍ନଗାମୀ ଯୋଗୁ ସେସବୁ ଅଚଳ ହୋଇରହିଛି। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ପାଇପ୍ ସଂଯୋଗ ନ କରି ଠିକାଦାର ଚାଲି ଯାଇଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଜଳେଶ୍ୱର ଗ୍ରାମ୍ୟ ଜଳ ପରିମଳ ବିଭାଗର ନିର୍ବାହୀ ଅଧିକାରୀ ଶେଷନାଗ ପ୍ରଧାନଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ କାମ ପଛେଇ ଯାଇଥିବା ପଞ୍ଚାୟତର ସରପଞ୍ଚ କହିଛନ୍ତି।


ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନିରାଶରେ ଫେରିଲେ ଅଭିଯୋଗକାରୀ

ବସ୍ତା,(ହରିଶଙ୍କର ପାଢ଼ୀ)/ବାଲିଆପାଳ(ଅମୂଲ୍ୟ କୁମାର ଦାସ) ୨୫।୧୧- ବାଲେଶ୍ୱର ଜିଲା ବସ୍ତା ବ୍ଲକ ସଭା ଗୃହରେ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କ ଜନଶୁଣାଣି ଶିବିର ଆୟୋଜିତ ହୋଇଥିଲା। ମାତ୍ର ୨୦ରୁ ଅଧିକ ଅଭିଯୋଗକାରୀ ଶିବରରେ ଅଭିଯୋଗ କରି ନ ପାରି ନିରାଶରେ ଫେରିଯାଇଥିବା ଦେଖିବାକୁ ମିଳିଥିଲା। ଶିବିର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ ବୋଲି ସମୟ ଧାର୍ଯ୍ୟ କରା ଯାଇଥିଲା। ବେଲେ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ୧୦ଟା୪୫ରେ ପହଞ୍ଚି ୧୧ଟା୫୦ରେ ଚାଲି ଯାଇଥିଲେ। ମଧ୍ୟାହ୍ନ ୧୨ଟା୩୦ ସୁଦ୍ଧା ଶିବିରରେ ଯୋଗ ଦେଇଥିବା ସମସ୍ତ ଅଧିକାରୀ ମଧ ଚାଲି ଯାଇଥିଲେ। ଯାହା ଫଳରେ ଅଭିଯୋଗ ନେଇ ଆସିଥିବା ଅନେକ ଅଭିଯୋଗକାରୀ ଅଭିଯୋଗ କରି ନ ପାରି ଅସନ୍ତୋଷ ପ୍ରକାଶ କରି ଫେରି ଯାଇଥିଲେ। ୭୯ ଅଭିଯୋଗ ମଧ୍ୟରୁ କେବଳ ୨ଟି ଫଏସଲା ହୋଇଥିଲା।

## କଣ୍ଡକ୍ଟରଙ୍କ ଧାରଣା: ମୁଖ୍ୟମନ୍ତ୍ରୀ ବସ୍‌ସେବା ଠପ୍

ପାଟଣା,୨୫।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ସୋମବାର ମୁଖ୍ୟମନ୍ତ୍ରୀ ବସ୍ ସେବା ବସର କଣ୍ଡକ୍ଟର ବିଭିନ୍ନ ଦାବି ନେଇ ଧାରଣା ଦେଇଛନ୍ତି। ଫଳରେ ସେବା ଠପ୍ ହୋଇଯାଇଛି। ୩ ଦଫା ଦାବି ନେଇ ୧୨ ଜଣ ମହିଳା କଣ୍ଡକ୍ଟର ପ୍ରତିବାଦ କରୁଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ, ୩ ମାସ ହେଲା ଦରମା, ନିଯୁକ୍ତି ପତ୍ର ସହ ଆଇଡି କାର୍ଡ ପାଇନାହାନ୍ତି। ଏ ନେଇ ଦାବି କଲେ ସୁପରଭାଇଜର ସେମାନଙ୍କୁ ଚାକିରିରୁ ବାହାର କରିଦେବାର ଧମକ ଦେଉଥିବା କହିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି କଣ୍ଡକ୍ଟର ମଧୁସ୍ମିତା ମହାନ୍ତ, ସଞ୍ଜୁଲତା ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବସ୍‌ର ଜିଲା ପରିଚାଳକ ଗୌର କୁଅଁର କହିଛନ୍ତି, ପାଟଣା ବିଏଲଏଫ୍ ଆଇକାର୍ଡ ଓ ନିଯୁକ୍ତିପତ୍ର ଦେବା କଥା। ସେ ଖିଲାପ କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କଣ୍ଟିପାଳ ଉଚ୍ଚ ବିଦ୍ୟାଳୟରେ ଅର୍ଥ ହେରଫେର ଅଭିଯୋଗ

ଆନନ୍ଦପୁର,୨୫।୧୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତର କଣ୍ଟିପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅର୍ଥ ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେବା ପରେ ନୂଆ କମିଟି ଗଠନ ନ ହୋଇ ଅର୍ଥ ଉଠାଣ ହେବାକୁ ପ୍ରଶ୍ନବାଚୀ ସୃଷ୍ଟୀ କରିଛି। ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ଗୁମର ପଦାକୁ ଆସିପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

ପ୍ରକାଶ ଯେ, ୨୮ ଜାନୁୟାରୀ ୨୦୨୦ରେ ଗଠିତ ହୋଇଥିବା ବିଦ୍ୟାଳୟ ପରିଚାଳନା କମିଟି ନିୟମ ଅନୁସାରେ ୩ ବର୍ଷ ପାଇଁ ଦାୟିତ୍ୱରେ ରହିବା ପରେ ୩ ଫେବୃୟାରୀ ୨୦୨୩ରେ ଏହାର କାର୍ଯ୍ୟକାଳ ଶେଷ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ପରେ ଦୀର୍ଘ ୧୭ ମାସ ୮ ଦିନ ଧରି ନୂତନ କମିଟି ଗଠନ ହୋଇପାରି ନ ଥିଲା। ତେବେ ବିନା କମିଟିରେ ବିଦ୍ୟାଳୟରେ ଏତେ ଗୁଡିଏ ଅର୍ଥ ବ୍ୟୟ ବରାଦ ହୋଇ ଖର୍ଚ୍ଚ ହେବା ତଦନ୍ତ ସାପେକ୍ଷ। କମିଟି ଗଠନ ନ ହୋଇଥିବା ସ୍ଥଳେ ପିଲାଙ୍କ ଡ୍ରେସ୍ ବାବଦକୁ ୧ ଲକ୍ଷ ୨୩ ହଜାର ୬୦୦ ଟଙ୍କା, ଖେଳ ପାଇଁ ୨୫ ହଜାର ଟଙ୍କା, ସେଫ୍ଟି ପାଇଁ ୨ ହଜାର ଟଙ୍କା, ଟିଚର୍ ସେଫ୍ଟି ପାଇଁ ୬ ହଜାର ୫ ଶହ ଟଙ୍କା, ଏନରୋଲମେଣ୍ଟ ପାଇଁ ୧ ହଜାର, ଇକୋ କ୍ଲବ୍ ପାଇଁ ୨୫ ହଜାର, ଏସ୍‌ଏମ୍‌ସି ତାଲିମ୍ ପାଇଁ ୨ ହଜାର ୮ ଶହ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପାଇଁ ୭ ହଜାର ୫ ଶହ, କମ୍ପୋଜିଟ୍ ଗ୍ରାମ ପାଇଁ ୭୫ ହଜାର ଟଙ୍କା, ରାଣୀଲକ୍ଷ୍ମୀବାଇ ତାଲିମ ପାଇଁ ୩୦ ହଜାର ଟଙ୍କା ଉଠାଣ ହୋଇଥିବା କାଗଜପତ୍ର କହୁଛି। ବିନା ଏସ୍‌ଏମ୍‌ସିରେ ଏତେ ଟଙ୍କା ଉଠାଣ ସନ୍ଦେହ ପରିସରକୁ ଆସିଛି। ଘଟଣା ସମ୍ପର୍କରେ ଆନନ୍ଦପୁର ବ୍ଲକ୍ ଶିକ୍ଷା ଅଧିକାରୀ ଅଜିତ୍ ବାରିକ କହିଛନ୍ତି, ସେ ଘଟଣା ସମ୍ପର୍କରେ ଜାଣି ନାହାନ୍ତି। ପ୍ରଧାନ ଶିକ୍ଷକଙ୍କ ସହିତ କଥା ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଜେନା କହିଛନ୍ତି, ଆମେ କିଛି ଟଙ୍କା ଉଠାଇନୁ ବୋଲି ଉତ୍ତର ରଖିଥିଲେ। ତେବେ ଦୀର୍ଘ ୧୭ ମାସ ୮ ଦିନ ମଧ୍ୟରେ ଟଙ୍କା କାରବାର କେମିତି ହେଲା। ତାହାର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚାଳକଙ୍କୁ ମାଡ଼ ମାରି ଟ୍ରକ୍ ଲୁଟ୍

## ଡ୍ରେନ୍‌କୁ ଖସି ଯିବାରୁ ଟ୍ରକ୍ ଛାଡ଼ି ପଳାଇଲେ ଦୁର୍ବୃତ୍ତ

ବଡବିଲ,୨୫।୧୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ମାଟକାମ୍ବେଡ଼ାସ୍ଥିତ କଳିଙ୍ଗନଗର ଏଟିଏମ୍ ନିକଟରେ ଛିଡ଼ା ହୋଇଥିବା ଏକ ଖଣିଜ ବୋଝେଇ ଟ୍ରକର ଚାଳକଙ୍କୁ ମାଡ଼ ମାରି ଟ୍ରକ୍ ଲୁଟ ଅଭିଯୋଗ ହୋଇଛି। ପଳାୟନ ପରେ ରାସ୍ତା କଡ଼ ଡ୍ରେନ୍‌କୁ ଟ୍ରକ୍ ଖସିପଡ଼ିବାରୁ ଦୁର୍ବୃତ୍ତ ଟ୍ରକ୍ ଛାଡ଼ି ପଳାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୋମବାର ଭୋର୍ ସମୟରେ ଚାଳକ ଟ୍ରକ୍ ଛିଡ଼ା କରି ମାଲିକଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ବାଇକରେ ୩ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ତାଙ୍କୁ ମାଡ଼ ମାରି ଟ୍ରକ୍‌ଟିକୁ ନେଇ ପଳାଇ ଯାଇଥିଲେ। ତୁରନ୍ତ ଚାଳକ ମାଲିକଙ୍କୁ ଫୋନ ଯୋଗେ ଖବର ଦେଇଥିଲେ। କିଛିଦୂର ଯାଇ ଟ୍ରକଟି ରାସ୍ତାକଡ଼ ଡ୍ରେନ୍‌କୁ ଖସି ପଡ଼ିବାରୁ ଅଟକି ଯାଇଥିଲା। ଦୁର୍ବୃତ୍ତମାନେ ଟ୍ରକ ଛାଡ଼ି ଚମ୍ପଟ ମାରିଥିଲେ। ଏ ନେଇ ବଡବିଲ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

## ଓଲଟିଲା ଗୋରୁ ବୋଝେଇ ଗାଡ଼ି, ୭ ଗୋରୁ ଉଦ୍ଧାର

ପାଟଣା,୨୫।୧୧(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଭାଲିଆଡିହା ନିକଟରେ ଏକ ବେଆଇନ ଗୋରୁ ବୋଝେଇ ଗାଡି ସୋମବାର ଓଲଟି ପଡିଛି। ରାଇଡ଼ିହା ପାର୍ଶ୍ୱରୁ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନଟି ସାହାରପଡ଼ା ଆଭିମୁଖେ ଯାଉଥିବା ବେଳେ ଭାଲିଆଡ଼ିହା ବାଙ୍କ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଦୁର୍ଘଟଣା ପରେ ମାଫିଆମାନେ ଗୋରୁଙ୍କୁ ଅନ୍ୟତ୍ର ଲୁଚାଇ ରଖିଥିଲେ। ସ୍ଥାନୀୟ ଲୋକ ଦେଖି ୭ ଗୋରୁ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ଗୋ ଚାଲାଣକାରୀମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି। ଆହତ ଗୋରୁଙ୍କ ଚିକିତ୍ସା କରାଇ କରଞ୍ଜିଆ ଗୋଶାଳାରେ ଛଡ଼ାଯାଇଥିବା ସାହାରପଡ଼ା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି କହିଛନ୍ତି।

# ଟ୍ରକ୍, ଡମ୍ଫର ଚୋରି ମାମଲାରେ ୮ ଗିରଫ

## ୩ ଟ୍ରକ୍, ଗ୍ୟାସ୍ ଟାଙ୍କି ଓ କଟର ଜବତ

କେନ୍ଦୁଝର,୨୫।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ସଦର ଓ ଟାଉନ ଥାନା ଅଞ୍ଚଳରୁ ୧୨ ଟ୍ରକ୍ ଏବଂ ଡମ୍ଫର ଚୋରି ଘଟଣାରେ ଟାଉନ ପୋଲିସ ୮ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଜିଲା ତେଲକୋଇ ଥାନା କାଳିମା ଗ୍ରାମର ଝାଡ଼େଶ୍ୱର ମହାନ୍ତ(୪୬), ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଥାନା ଗୋପବନ୍ଧୁନଗର ଗ୍ରାମର ରଜତ ମହାନ୍ତ(୪୮), ଖଡ଼ିଙ୍କିପାଣି ଥାନା ଜରଦା ଗ୍ରାମର ସୁକାନ୍ତ କୁଶଳ(୩୯), ପ୍ଲାଣ୍ଟସାଇଡ୍ ଥାନା ଗାନ୍ଧୀରୋଡ ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ ବାରୀ(୫୨), ମୟୂରଭଞ୍ଜ ଜିଲା ଟାଉନ ଥାନା ଗୌଡ଼ଗାଁର ଅଚ୍ୟୁତ୍ ସାହୁ(୨୦), ଯାଜପୁର ଜିଲା ବିଞ୍ଝାରପୁରର ରଜିତ ପାଣ୍ଡବ(୨୯), ଦାନଗଦିର ସେକ୍ ସଫିଉଦ୍ଦିନ(୩୮), ଭଦ୍ରକ ଜିଲା ଧାମନଗରର ସାଜନ ବାବୁ (୨୮) ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ୩ ଚୋରା ଟ୍ରକ୍, ଟ୍ରକ୍ କାଟିବାରେ ବ୍ୟବହୃତ ଗ୍ୟାସ୍ ଟାଙ୍କି ଓ କଟର ଜବତ ହୋଇଛି।

ପ୍ରକାଶ ଯେ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କୋଭିଡ୍ ହସ୍ପିଟାଲ ସମ୍ମୁଖରେ ଥିବା ମହାନ୍ତ ପାର୍କିଂ ୟାର୍ଡରୁ ଗତ ୧୮ ତାରିଖରେ ୧୨ ଚକିଆ ଟ୍ରକ୍ ( ନଂ. ଓଡି ୧୬ ଡି ୨୫୯୫) ଚୋରି ହୋଇଥିଲା। ଗାଡ଼ି ମାଲିକ ସନ୍ତୋଷ ବେଜଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା। ଟ୍ରକ୍‌ଟି ଜାତୀୟ ରାଜପଥ ୪୯ ଦେଇ ଯାଇଥିବା ଜଣାପଡ଼ିଥିଲା। ପୋଲିସ ଦେବଗଡ଼ ଜିଲା ବାରକୋଟ ନିକଟ କଲା ଟୋଲଗେଟ୍‌ରେ ସିସିଟିଭି ଯାଞ୍ଚ କରିଥିଲା। ଟ୍ରକ୍‌ରେ ଜାଲ ନମ୍ବର(ସିଜି ୦୭ ବିବି ୨୬୫୫) ଲଗାଯାଇ ରାଉରକେଲା ନିଆଯାଉଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ତଦନ୍ତ କରି ରାଉରକେଲା ପାନପୋଷ ପାଖରେ ଗାଡ଼ିକୁ ଠାବ କରିବା ସହ ଚୋରି କରିଥିବା ଝାଡ଼େଶ୍ୱରଙ୍କୁ ଗିରଫ କରିଥିଲା। ତାଙ୍କୁ ଜେରା ବେଳେ ମୟୂରଭଞ୍ଜର ଅଚ୍ୟୁତ ଏବଂ ସୁନ୍ଦରଗଡ଼ର ସୁକାନ୍ତଙ୍କୁ ଗାଡ଼ି ଦେଇଥିବା କହିଥିଲେ। ଏଥିସହ ଟାଉନ, ସଦର ଥାନା ଅଞ୍ଚଳରୁ ୧୧ ଟ୍ରକ୍ ଏବଂ ଡମ୍ଫର ଚୋରି କରିଥିବା ସ୍ୱୀକାର କରିଥିଲେ। ୫ ଟ୍ରକ୍ ରାଉରକେଲାର ସ୍କ୍ରାପ୍ ବ୍ୟବସାୟୀ ରାଜେନ୍ଦ୍ରଙ୍କୁ ଦେଇଥିଲେ। ସେ ଟ୍ରକଗୁଡ଼ିକୁ କାଟି ଦେଇଥିଲେ। ଗୋଟିଏ ଲେଖାଏ ଟ୍ରକ୍ ରଜତ ଏବଂ କୁଶଳ ପାଖରୁ ରାଉରକେଲା ଫର୍ଟିଲାଇଜର ଅଞ୍ଚଳରୁ ପୋଲିସ ଜବତ କରିଛି। ଅନ୍ୟ ୩ ଟି ୧୦ ଚକିଆ ଟ୍ରକ୍ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ସ୍କ୍ରାପ୍ ବ୍ୟବସାୟୀ ସାଜନ ଏବଂ ସଫରୁଦ୍ଦିନଙ୍କୁ ଝାଡ଼େଶ୍ୱର ବିକ୍ରି କରିଥିଲେ। ବୟାନ ଆଧାରରେ ଟ୍ରକ୍ ନେଇଥିବା ବ୍ୟକ୍ତି ଓ ସ୍କ୍ରାପ୍ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ କଟର ମେଶିନ ଏବଂ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଅନ୍ୟ ୨ଟି ଟ୍ରକ୍ ଝାଡ଼ଖଣ୍ଡରେ ବିକ୍ରି କରିଥିବା ଝାଡ଼େଶ୍ୱର କହିଛନ୍ତି। ଚୋରିରେ ସମ୍ପୃକ୍ତ ଝାଡ଼ଖଣ୍ଡ ଅଞ୍ଚଳର ଅଭିଯୁକ୍ତ ଫେରାର ଅଛନ୍ତି। ଟାଉନ ଓ ସଦର ଥାନାରେ ପୃଥକ ୮ ଟି ମାମଲା ରୁଜୁ ହୋଇଛି। ସୋମବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସିଲୁ ମଲ୍ଲିକ ସୂଚନା ଦେଇଛନ୍ତି।

## ଉପଖଣ୍ଡ ଡାକ୍ତରଖାନାରେ ଗୁରାଙ୍କ ଚିକିତ୍ସା ଜାରି



### ୪ ବର୍ଷ ପରେ ବିଛଣାରୁ ଉଠିଲେ

ଚମ୍ପୁଆ,୨୫।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୧୩ ନଂ. ୱାର୍ଡର ରୋଗାଗ୍ରସ୍ତ ଗୁରା ପୂର୍ତ୍ତି ୪ ବର୍ଷ ପରେ ବିଛଣାରୁ ଉଠିଛନ୍ତି। ସ୍ଥାନୀୟ ପ୍ରଶାସନ ଏବଂ ଚିକିତ୍ସା ବିଭାଗର ସହାୟତାରେ ତାଙ୍କ ଚିକିତ୍ସା ହେଉଛି। ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ଗୁରାଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଗୁରା ୪ ବର୍ଷ ତଳେ ଲକ୍‌ଡାଉନ ପୂର୍ବରୁ ନିକଟସ୍ଥ ଜୟନ୍ତୀ ହାଟରୁ କୋଳି ବିକ୍ରି କରି ଫେରୁଥିବା ବେଳେ ସାଇକେଲରୁ ପଡ଼ିଯାଇଥିଲେ। ତାଙ୍କ ଅଣ୍ଟା ଓ ଗୋଡରେ ଆଘାତ ଲାଗିଥିଲା। ବହୁ ଚିକିତ୍ସା ପରେ ଫଳ ମିଳି ନ ଥିଲା। ସେହି ଦିନଠାରୁ ବିଛଣାରେ ପଡ଼ି ରହିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ତାଙ୍କ ପାଖରେ ପହଞ୍ଚିଥିଲା। ଉପଖଣ୍ଡ ଚିକିତ୍ସା ଅଧିକାରୀ ଗୁରାଙ୍କ ଘରକୁ ଆସି ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଚିକିତ୍ସାଳୟର ବରିଷ୍ଠ ଡାକ୍ତର ଜଗେନ୍ଦ୍ର ନାଥ ଓ ଡ. ସୁଜିତ ଲେଙ୍କାଙ୍କୁ ଚିକିତ୍ସା ଦାୟିତ୍ୱ ହସ୍ତାନ୍ତର କରିଥିଲେ। ୭ ଦିନର ଚିକିତ୍ସା ପରେ ଗୁରା ସୁସ୍ଥତା ଅନୁଭବ କରିବା ସହିତ ବସିବାର କ୍ଷମତା ପାଇଛନ୍ତି। ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ କହିବା ଅନୁସାରେ, ଗୁରାଙ୍କ ଚିକିତ୍ସାକୁ ବିଶେଷ ଭାବରେ ଧ୍ୟାନ ଦେବା ସହିତ ଡାକ୍ତରଖାନାରେ ମିଳୁଥିବା ଔଷଧ, ରୋଗୀ କଲ୍ୟାଣ ସମିତି ଅର୍ଥରେ ତାଙ୍କୁ ଆବଶ୍ୟକ ଔଷଧ ଓ ଇଞ୍ଜେକ୍ସନ୍ ଯୋଗାଇ ଦିଆଯାଉଛି। ତାଙ୍କୁ ପ୍ରୋଟିନ ଯୁକ୍ତ ଖାଦ୍ୟ ମଧ୍ୟ ପ୍ରଦାନ କରାଯାଉଛି। ୪ ବର୍ଷ ଧରି ପଡି ରହିଥିବାରୁ ଶରୀର ସାରା ହୋଇଥିବା ଚର୍ମ ରୋଗ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ନିଯୁକ୍ତ ଡାକ୍ତର ୨୪ ଘଣ୍ଟା ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଚେଷ୍ଟା ଚଳାଇଛନ୍ତି। ଡ. ମୋହିତଙ୍କ ଦ୍ୱାରା ଗୁରାଙ୍କ ଫିଜିଓଥେରାପି ଆରମ୍ଭ ହୋଇଛି। ପର୍ଯ୍ୟାୟ କ୍ରମରେ ସ୍ନାୟୁ ଓ ଅସ୍ଥିସଲ୍ୟ ବିଭାଗ ଡାକ୍ତର ଦ୍ୱାରା ଚିକିତ୍ସା କରାଯିବ।

## ୫ଟି ଗ୍ରାମରେ ସ୍ୱତନ୍ତ୍ର ପଲ୍ଲୀସଭା

ବଉଳା/ ଛେନାପଦି,୨୫।୧୧(ଦୁର୍ଗା ପ୍ରସାଦ ଆୟଚ/ନିରାକାର ପରିଡା): ବିଶିଷ୍ଟ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ପଲ୍ଲୀସଭା ସୋମବାର ହାଟଡ଼ିହୀ ବ୍ଲକର ୫ଟି ଆଦିବାସୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କଅଁଳେଇ ବାଲିପାଳ ପଞ୍ଚାୟତର କଅଁଳେଇ ବାଲିପାଳ, ମୟୂରନଚା, ରାଇଘାଟି, ମଲ୍ଲିପଶି ଓ ସିଆଡ଼ିମାଳିଆରେ ପଲ୍ଲୀସଭା ହୋଇଛି। ସିଆଡ଼ିମାଳିଆ ଗ୍ରାମର ସହକାରୀ ଯନ୍ତ୍ରୀ ମଦନ ମୋହନ ବେହେରା, ପିଇଓ ବାପୁଜି ସାହୁ, ଏଡିଇଓ ମିର୍ଜା ସୈଫୁଦ୍ଦିନ ବେଗ୍, ଅଙ୍ଗନୱାଡ଼ି କର୍ମୀ ତିଳୋତ୍ତମା ପଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀଙ୍କ କିଭଳି ବିକାଶ ହେବ ସେ ନେଇ ପଲ୍ଲୀସଭାରେ ଲିପିବଦ୍ଧ କରାଯାଇଥିଲା। ସେହିପରି ଅନ୍ୟ ଗ୍ରାମଗୁଡ଼ିକରେ ବ୍ଲକ୍ ଯନ୍ତ୍ରୀ, ଏପିଓ, ପିଇଓ, ଏଡିଇଓ ଓ ଅଙ୍ଗନୱାଡି କର୍ମୀ ସାମିଲ ହୋଇ ସ୍ୱତନ୍ତ୍ର ପଲ୍ଲୀସଭା କରିଥିଲେ।



### ଢେଙ୍କିକୋଟରେ ଶୀତର ପ୍ରକୋପ



କେନ୍ଦୁଝର ଜିଲା ଢେଙ୍କିକୋଟ ବଜାରରେ ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ନିଆଁ ପୋଉଁଛନ୍ତି। (ଫଟୋ– ନୀଳମଣି ମଣ୍ଡଳ)

## ଧାନ ବିକ୍ରି ନେଇ ଚାଷୀ ସଚେତନତା

ବଉଳା,୨୫।୧୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ଧାନ ବିକ୍ରି ନେଇ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିୟନ୍ତ୍ରିତ ବଜାର କମିଟି ଆନନ୍ଦପୁର ଓ ସରକାରୀ ନିବନ୍ଧକ ସମବାୟ ସମିତି ସମୁହ ଆନନ୍ଦପୁର ପକ୍ଷରୁ ହାଟଡ଼ିହୀ ବ୍ଲକ୍‌ର ପଡ଼ିଆରିପଲ୍ଲି, ବାଙ୍ଗୋର ଓ ହଦଗଡ଼ଠାରେ ଅନୁଷ୍ଠିତ ଶିବିରରେ ଧାନ ବିକ୍ରି ପାଇଁ ଚାଷୀ କିଭଳି ମଣ୍ଡିକୁ ନେବେ, ସରକାରଙ୍କର କି କି ଯୋଜନା ରହିଛି। ସେ ସମ୍ପର୍କରେ ସଚେତନତ କରାଯାଇଥିଲା। ପଡ଼ିଆରିପଲ୍ଲି ପଞ୍ଚାୟତରେ ଏସ୍‌ଆରସିଏସ ନିତ୍ୟାନନ୍ଦ ଦେହୁରୁଙ୍କ ସଭାପତିତ୍ୱରେ ସରପଞ୍ଚ ଅଜିତ ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆରଏମ୍‌ସି ଆନନ୍ଦପୁର ନାରାୟଣ ରଣା, ସମିତିର ସମ୍ପାଦକ ସୁଶାନ୍ତ ମହାରଣା ସଚେତନ କରିଥିଲେ। ସେହିପରି ବାଙ୍ଗୋର, ହଦଗଡ଼ ପଞ୍ଚାୟତରେ ବିଭାଗୀୟ ଅଧିକାରୀ ସଚେତନତା କରାଇଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଚମ୍ପୁଆ,୨୫।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କଞ୍ଚନପୁରଠାରେ ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇଥିବା ଜଣାଯାଇଛି। ମୃତକ ଅନୁଗୋଳ ବଲଣ୍ଡା ଅଞ୍ଚଳର ଏମ୍‌ଡି ନଇମ୍ ବୋଲି ଜଣାପଡ଼ିଛି। ଗୁରୁତର ଏମ୍‌ଡି ସଫିକ୍ ଡାକ୍ତରଖାନାରେ ଚକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ଉଭୟ ମହିନ୍ଦ୍ରା ପିକ୍‌ଅପ୍(ଓଡି ୧୯ ୟୁ ୦୨୮୮)ରେ ଅନୁଗୋଳ ବଲଣ୍ଡା ଅଞ୍ଚଳରୁ ଛେଳି ଆଣିବା ପାଇଁ ଝାଡ଼ଖଣ୍ଡ ଯାଉଥିଲେ। କଞ୍ଚନପୁରଠାରେ ଅଜଣାଗାଡ଼ି ସହ ପିକ୍‌ଅପ୍ ଧକ୍କା ହୋଇଥିଲା। ଗାଡ଼ିରେ ଥିବା ଏମ୍‌ଡି ନଇମ୍, ଏମ୍‌ଡି ସଫିକ ଗୁରୁତର ହୋଇଥିଲେ। ଉଭୟଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଏମ୍‌ଡି ନଇମଙ୍କୁ ମୃତ ଘୋଷଣା କରିଥିଲେ। ଚମ୍ପୁଆ ପୋଲିସ ଏକ ମାମଲା(ନଂ. ୨୯୯/୨୪) ରୁଜୁ କରି ତଦନ୍ତ କରୁଛି।



## ଚେକ୍ ବାଉନ୍ସ ମାମଲାରେ ୧ବର୍ଷ ଜେଲ

ବାରିପଦା,୨୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (ଜେଏମ୍‌ଏଫ୍‌ସି କୋର୍ଟ)ରେ ସୋମବାର ଏକ ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୀପାଲି ଦାସ ମାମଲାର ବିଚାର କରି ଦୋଷୀଙ୍କୁ ୧ବର୍ଷ କାରାଦଣ୍ଡରେ କରିଛନ୍ତି। ଏହା ସହିତ ୨୧ଲକ୍ଷ ୬୮ ହଜାର ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନାଦାୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ଅଞ୍ଚଳର ଅଶୋକ ଦାସଙ୍କ ପୁଅ ବିଭୂତି ଭୂଷଣ।

ମାମଲାର ବିବରଣୀ ଅନୁଯାୟୀ, ବାରିପଦା ଲାଲବଜାର ଅଞ୍ଚଳର ସୁମିତ ଦାସଙ୍କ 'ଦାସ ଆସୋସିଏଟେଡ୍' ଦୋକାନରୁ ବିଭୂତି ଲୁହା ଛଡ଼ ନେଇଥିଲେ। ବିଭୂତିଙ୍କ ନୀଳଗିରିରେ ଲୁହାଛଡ଼ ଦୋକାନ ଥିବାରୁ ଏଠାରୁ ଜିନିଷ ନେଇ ବିକ୍ରି କରୁଥିଲେ। ୨୦୧୯ରେ ଦୁଇଟି ପର୍ଯ୍ୟାୟରେ ୮,୫୭,୨୯୯ ଓ ୮,୨୪,୮୪୪ ଟଙ୍କାର ଲୁହା ଛଡ଼ ନେଇଥିଲେ। ସେ ବାବଦକୁ ଦୁଇଟି ପର୍ଯ୍ୟାୟରେ ୫,୨୫,୦୦୦ ଓ ୯୦,୦୦୦ଟଙ୍କା ଦେଇଥିଲେ। ବକେୟା ୧୦,୮୫,୧୪୩ଟଙ୍କା ରହିଥିବା ବେଳେ ବିଭୂତିଙ୍କୁ ବାରମ୍ବାର ଫୋନ କରିବାରୁ ଗତ ୨୦୨୩ ମାର୍ଚ୍ଚ ୧୩ରେ ଏକ ବ୍ୟାଙ୍କ ଚେକ୍ ପ୍ରଦାନ କରିଥିଲେ। ଉକ୍ତ ଚେକ୍‌କୁ ସୁମିତ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାରୁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ଚେକ୍ ବାଉନ୍ସ ହୋଇଯାଇଥିଲା। ଏହାକୁ ନେଇ ସୁମିତ କୋର୍ଟରେ ମାମଲା ରୁଜୁ କରିଥିଲେ। ସରକାରୀ ଆଇନଜୀବୀ ପି. ଷଡ଼ଙ୍ଗୀ ମାମଲା ପରିଚାଳନା କରୁଥିଲେ।

## ନାବାଳିକାଙ୍କୁ ବଳାତ୍କାର

ରାଇରଙ୍ଗପୁର,୨୫।୧୧(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଞ୍ଚଳରେ ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୩୬/୨୪) ରୁଜୁ କରି ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖି ତଦନ୍ତ କରୁଛି। ଗତ ଗୁରୁବାର ଅପରାହ୍ନରେ ନାବାଳିକା ଘର ପାଖରେ ଖେଳୁଥିଲେ। ଅଭିଯୁକ୍ତ ତାଙ୍କୁ ଟେକିନେଇ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ।

# ଦମ୍ପତିଙ୍କ ସମେତ ୩ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

ବାରିପଦା,୨୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ସେସନ ଜଜ୍, ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଏକ ଦମ୍ପତିଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି। ଏହାସହ ପ୍ରତ୍ୟେକଙ୍କୁ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଅନାଦାୟ ଅଧିକ ୩ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀମାନେ ହେଲେ ବାଲେଶ୍ୱର ଜିଲା କାକୁଡିଆ ଗ୍ରାମର ଚକ୍ରଧର ନାୟକ(୫୧), ତାଙ୍କ ସ୍ତ୍ରୀ ଅନିମା ବଳ(୪୭) ଓ କେନ୍ଦୁଝର ଜିଲା ବରିଗାଁ ଗ୍ରାମର ଚିନ୍ତାମଣି ବିଶ୍ୱାଳ(୭୫)। ଅନ୍ୟପକ୍ଷେ ପୀଡ଼ିତାଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସହାୟତା ବିଭାଗକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଶରତ ଥାନା ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ଦୁଲିପଡ଼ାରେ ଜଣେ ଆଦିବାସୀ ନାବାଳିକାଙ୍କୁ ପାଠ ପଢ଼ାଇବା ବାହାନାରେ ଭିଏଲ୍‌ଡବ୍ଲ୍ୟୁ ଚକ୍ରଧର ଓ ସ୍ତ୍ରୀ ଅନିମା ନିଜ ଘରେ ରଖି କାମ କରାଉଥିଲେ। ଚକ୍ରଧରଙ୍କ ଘରେ କେୟାର ଟେକର ଭାବେ କାମ କରୁଥିବା ଚିନ୍ତାମଣି ସୁଯୋଗ ଦେଖି ନାବାଳିକାଙ୍କୁ ବଳାତ୍କାର କରିବା ପରେ ଜୀବନରୁ ମାରି ଦେଇଥିଲେ। ଘଟଣା ସମ୍ପର୍କରେ ଚକ୍ରଧର ଓ ଅନିମା ଜାଣିବା ପରେ ଦୋଷ ଲୁଚାଇବାକୁ ଯାଇ ୨୦୧୭ ମାର୍ଚ୍ଚ ୨୬ରେ ନାବାଳିକାଙ୍କ ମୃତଦେହକୁ ରଖି ଘରେ ନିଆଁ ଲଗାଇ ପଳାଇଥିଲେ। ଫଳରେ ନାବାଳିକାଙ୍କ ଶରୀର ପୋଡ଼ି ଯାଇଥିବାରୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଥିଲା। ମୃତାଙ୍କ ଭିସାରା ଟେଷ୍ଟ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘରେ ନିଆଁ ଲାଗିବାକୁ ନେଇ ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ ବିଭାଗକୁ ଅବଗତ କରି ପୋଲିସ ଘଟଣାର ଛାନ୍‌ଭିନ୍ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଜଣାପଡ଼ିଥିଲା। ମୃତା ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏପ୍ରିଲ ୨୯ରେ ନାବାଳିକା ବଳାତ୍କାର, ହତ୍ୟା, ଦୋଷ ଲୁଚାଇବାର ଉଦ୍ୟମ ଓ ଆଦିବାସୀ ଶିଶୁ ଶ୍ରମିକ ଆଇନକୁ ଭିତ୍ତିକରି ମାମଲା ରୁଜୁ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସର ତଦନ୍ତ ରିପୋର୍ଟ ଆଧାରରେ କୋର୍ଟ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଦୋଷୀଙ୍କୁ ୨୦ ବର୍ଷ ଜେଲ

### ନାବାଳିକାଙ୍କୁ ବଳାତ୍କାର ମାମଲା

ବାରିପଦା,୨୫।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରତିମା ପାତ୍ର ଏହାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ନୂଆଦିଲ୍ଲୀ ସଙ୍ଗମ ବିହାର ଅଞ୍ଚଳର ସୁରେନ୍ଦ୍ର ନାଗର ଓରଫ ସୁରେନ୍ଦ୍ର ସିଂ ରାଜପୁତ (୩୨)। ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସହାୟତା ବିଭାଗକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ସୁରେନ୍ଦ୍ର ରାଇରଙ୍ଗପୁର ଥାନା ଅନ୍ତର୍ଗତ ଠାକୁରାଣୀବେଡ଼ା ସାହିରେ ରହି କାମ କରୁଥିଲେ। ୨୦୨୦ ଅକ୍ଟୋବର ୯ ତାରିଖରେ ନାବାଳିକା ଜଣକ ଘର ପାଖରେ ଖେଳୁଥିବା ବେଳେ ସୁରେନ୍ଦ୍ର ତାଙ୍କୁ ମୋବାଇଲ ରିଚାର୍ଜ କରିବାକୁ ଘରକୁ ପଠାଇଥିଲେ। ନାବାଳିକା ଜଣକ ଘରକୁ ଯିବା ବେଳେ ସୁରେନ୍ଦ୍ର ପଛେ ପଛେ ଯାଇ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୧୫୫/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ବସ୍‌ଷ୍ଟାଣ୍ଡ ପାଇଁ ଦୋକାନ, ସରକାରୀ ଗୃହ ଉଚ୍ଛେଦ

ଠାକୁରମୁଣ୍ଡା, ୨୫।୧୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାଠାରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଟେଣ୍ଡର ପ୍ରକ୍ରିୟାର ଦୀର୍ଘଦିନ ପରେ ପ୍ରଶାସନ ପକ୍ଷରୁ ସୋମବାର ପ୍ରସ୍ତାବିତ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ୧୬ ଦୋକାନ ଗୃହ ସହ ଏକ ସରକାରୀ ମାର୍କେଟ କମ୍ପ୍ଲେକ୍ସ, ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହ ଓ ପରିତ୍ୟକ୍ତ ଅବସ୍ଥାରେ ଥିବା ଧର୍ମଶାଳା ଗୃହ ଭଙ୍ଗାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଭାବେ କରଞ୍ଜିଆ ତହସିଲଦାର ବିଦ୍ୟାଧର ପତି, ଠାକୁରମୁଣ୍ଡା ତହସିଲଦାର ସୁଶ୍ରୀ ସୁପ୍ରିୟା, ବିଡିଓ ସପ୍ନେଶ୍ୱର ବେହେରା, କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, ଠାକୁରମୁଣ୍ଡା ଥାନା ଓଆଇସି ସାବିତ୍ରୀ ଦଳେଇ, ରାଜ୍ୟ ସଡ଼କ ପରିବହନ ନିଗମର ଏରିଆ ମ୍ୟାନେଜର ଦିଲୀପ କୁମାର ବରାଡ଼ ଉପସ୍ଥିତିରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ହୋଇଥିଲା। ଅଗ୍ନିଶମ ଓ ତହସିଲ କର୍ମଚାରୀ ଉପସ୍ଥିତ ଥିବାବେଳେ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

ଠାକୁରମୁଣ୍ଡା–କରଞ୍ଜିଆ ରାସ୍ତାର ଠାକୁରମୁଣ୍ଡା ବଜାରରେ ଥିବା ଗାନ୍ଧୀପଡ଼ିଆ ନିକଟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ପରିବହନ ବିଭାଗ ଓ ପ୍ରଶାସନ ପକ୍ଷରୁ ଗାନ୍ଧୀପଡ଼ିଆ ଓ ଧର୍ମଶାଳା ଥିବା ସ୍ଥାନକୁ ଚିହ୍ନଟ କରାଯାଇ ୫ କୋଟି ୭୫ ଲକ୍ଷ ୪୫ ହଜାର ୯୫୪ ଟଙ୍କା ଅଟକଳ ମୂଲ୍ୟରେ ବସ୍‌ଷ୍ଟାଣ୍ଡ ନିମନ୍ତେ ଟେଣ୍ଡର କରାଯାଇଥିଲା। ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ସ୍ଥାନର ସରକାରୀ ଜାଗାରେ ଦୋକାନ ସହ ସରକାରୀ ଗୃହ ରହିଥିଲା। ଜବରଦଖଲ କାରଣରୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିଲା। ଠାକୁରମୁଣ୍ଡା ତହସିଲଦାରଙ୍କ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ ସହ ସୋମବାର ସୁଦ୍ଧା ଜାଗା ଖାଲି କରିବାକୁ ମାଇକ୍‌ରେ ପ୍ରଚାର କରାଯାଇଥିଲା। ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ସହ ସ୍ଥାନୀୟ ଲୋକେ ସହଯୋଗ କରିଥିବାରୁ ଏସ୍‌ଡିପିଓ ଧନ୍ୟବାଦ ଦେଇଥିଲେ।



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ବାଲି ଡିପୋରେ ମିଳିତ ଚଢ଼ାଉ

ମୋରଡ଼ା,୨୫।୧୧(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ଅଧୀନରେ ଥିବା ବିଭିନ୍ନ ବାଲି ଡିପୋଗୁଡ଼ିକରେ ସୋମବାର ମାଇନିଂ ବିଭାଗ, ମୋରଡ଼ା ତହସିଲ ପ୍ରଶାସନ ଏବଂ ମୋରଡ଼ା ପୋଲିସର ମିଳିତ ସହଯୋଗରେ ଚଢ଼ାଉ କରାଯାଇଛି। ତହସିଲ ଅଧୀନ ଶିଳଦା–ପାଟପୁର, ବଡ଼ମୁଣ୍ଡାବଣି ଗ୍ରାମର ଛଅଟି ବାଲି ଡିପୋରେ ଚଢ଼ାଉ କରାଯାଇଛି । ବାଲି ଡିପୋରେ ମୋଟ ୨୧୯ସେମି ବାଲି ଥିବା ବେଳେ ଉକ୍ତ ବାଲି ଡିପୋଗୁଡିକ ବେସରକାରୀ ଜାଗାରେ ଥିବାରୁ ବାଲିଗୁଡିକ ଜବତ କରାଯାଇନାହିଁ। ବାଲି ଥିବା ଜାଗା ବାବଦରେ ସବିବେଷ ତଥ୍ୟ ଅଣାଯାଇଛି। ପରବର୍ତ୍ତୀ ସମୟରେ ଜାଗା ମାଲିକଙ୍କୁ ଏବାବଦରେ କାରଣ ଦର୍ଶାଅ ନୋଟିସ ଜାରି ହେବା ପରେ ଡିମାଣ୍ଡ ନୋଟିସ ହେବ ଏବଂ ଫାଇନ କରାଯିବ ବୋଲି ମାଇନିଂ ଅଫିସର ଦିଲୀପ କୁମାର ମାହାନା କହିଛନ୍ତି। ପରେ ପ୍ରଶାସନ ପକ୍ଷରୁ ବଳଦିଆରେ ଥିବା ଏକ ବାଲି ଡିପୋରେ ଚଢ଼ାଉ କରାଯାଇଥିଲା। ଉକ୍ତ ବାଲିଗୁଡିକୁ ଜଣେ ବାଲି ଚୋର ପୂର୍ବରୁ ବେଆଇନ ଭାବେ ଗଚ୍ଛିତ କରିଥିବା ବେଳେ ଏହାକୁ ପୂର୍ବରୁ ଫାଇନ କରାଯାଇଛି ବୋଲି ତହସିଲଦାର କହିଥିଲେ। ଚଢ଼ାଉରେ ମାଇନିଂ ଅଫିସର ମାହାନାଙ୍କ ସହିତ ମୋରଡ଼ା ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ମୋରଡ଼ା ଥାନା ଅଧିକାରୀ ସତ୍ୟନାରାୟଣ ବଳ ଉପସ୍ଥିତ ଥିଲେ।

## ୮୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ,ଏସ୍‌ପି

ଉଦଳା,୨୫।୧୧(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡ ଅଧୀନ ଉଦଳାଠାରେ ସୋମବାର ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୮୨ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଭାରପ୍ରାପ୍ତ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦୋଳମଣି ଭୋଇ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଲକ୍ଷ୍ମୀକାନ୍ତ ପତି, ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ୭୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ଥିବା ବେଳେ ୯ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୯ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ୬ ଜଣଙ୍କୁ ୫୦୦୦ ଟଙ୍କା ଏବଂ ଜଣଙ୍କୁ ୧୦ ହଜାର ଟଙ୍କା ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା।



ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

